## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ତିହିଡ଼ି, ୧୮।୯ (ଡି.ଏନ.ଏ.) - ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣଙ୍କ ବୁଧବାର ତିହିଡ଼ି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଯୁବତୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ଗାଁରେ ଏକ ଦୋକାନ କରି ପରିବାର ଚଳାଉଥିଲେ। ବର୍ଷକ ପୂର୍ବେ ଉକ୍ତ ଗ୍ରାମର ଜଣେ ଅଟୋ ଚାଳକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଟୋ ଚାଳକ ବିବାହ କରିବାର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ସେ ଗର୍ଭବତୀ ହୋଇଥିବା ଜାଣି ଅଟୋ ଚାଳକ ଗାଁ ଛାଡ଼ି କେରଳ ଚାଲିଯାଇଥିଲେ। ଯୁବତୀଙ୍କ ପରିବାର ଲୋକେ ଗ୍ରାମର କେତେକ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଯୁବକଙ୍କୁ ଗାଁକୁ ଡକାଇବାକୁ ତାଙ୍କ ପରିବାରକୁ କହିଥିଲେ। ମାତ୍ର ଯୁବକଙ୍କ ପରିବାର ଏଥିରେ ରାଜି ନ ହେବାରୁ ସେ ନିରୂପାୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

ବନ୍ତ, ୧୮।୯ (ଡି.ଏନ.ଏ.): ବନ୍ତ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ୨୫ଟି ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷ ଦେବେନ୍ଦ୍ର କୁମାର ଜେନା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ଜିପିଇଓ ନିଶିକାନ୍ତ ଖୁଣ୍ଟିଆ ଓ ଟିଲୋ ସରପଞ୍ଚ ନିହାରିକା ରାଉତ ଉପସ୍ଥିତ ଥିଲେ। ଚଳିତ ଆର୍ଥିକବର୍ଷରେ ଏହି ବ୍ଲକକୁ ମୋଟ ୩୧୯୦ ପ୍ରଧାନମନ୍ତ୍ରୀ ଆବାସ ଗୃହ ଆସିଥିବା ବେଳେ ମେଳା ମାଧ୍ୟମରେ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

### ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଚାନ୍ଦବାଲି,୧୮।୯ (ଡି.ଏନ.ଏ.): ବିଜେଡି ପକ୍ଷରୁ ବୁଧବାର ଚାନ୍ଦବାଲି ନିର୍ବାଚନମଣ୍ଡଳୀ ସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବିଜୁ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଦଳକୁ ସୁଦୃଢ଼ କରିବା ସହ ଅଧିକ ସଭ୍ୟ ସଂଗ୍ରହ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜିଲାପରିଷଦ ସଭାପତି ଦ୍ୱିଜବର ରାଉତ ଏଥିରେ ଅଧକ୍ଷତା କରିଥିଲେ। ବିଧାୟକ ବ୍ୟୋମକେଶ ରାୟ, ବଳଭଦ୍ର ଲେଙ୍କା, ଅଶୋକ ବଳ, ନରେଶ ମାଝୀ, ବିବେକାନନ୍ଦ ଦୀକ୍ଷିତ, ଖଗେଶ୍ୱର ବଳ, ପ୍ରିନ୍ସ ରାକେଶ ନାୟକ, ପ୍ରଭାସ ନାୟକ, ଅକ୍ଷୟ ନାୟକ, ଶୁଭେନ୍ଦୁ ସାହୁ, ଅନୀଲ ନାୟକ, ମାନସୀ ପାଢ଼ୀ, ସତ୍ୟବୀର ପ୍ରତାପ ରାୟଙ୍କ ସମେତ ଶତାଧିକ କାର୍ଯ୍ୟକାରିଣୀ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ।

### ୨୪ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ

ଭଦ୍ରକ ଅଫିସ, ୧୮।୯: ଭଦ୍ରକ ଜିଲା ସ୍କୁଲ ପରିସରରେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଭଲିବଲ, ଯୋଗ, ଚେସ୍ ଓ ଟେନିକଏଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ ୬୨ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜିଲା ସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ ସଭାପତିତ୍ୱ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ମଣ୍ଡଳ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପାଠ ସହ କ୍ରୀଡ଼ା କ୍ଷେତ୍ରରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ସାହୁ ଯୋଗଦାନ କରିଥିଲେ। ଜିଲାର ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ୟାମସୁନ୍ଦର ମହାରାଜ ଶ୍ରେଷ୍ଠ ବିଚାରକ ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ନାୟକ, ତପନ କୁମାର ମିଶ୍ର, ଗିରିଜା ରମଣ ଜେନା, ଅମୂଲ୍ୟ କୁମାର ମହାପାତ୍ର ଓ ବିଭୂପଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଉତ୍ସବମୁଖର ଓଳଗ ଗାଁ

- ୫ ଦିନ ଧରି ଦେବଶିଳ୍ପୀଙ୍କୁ ଆରାଧନା
- ଭାଇଚାରା ସୃଷ୍ଟି କରେ ପୂଜା
- ରାତିରେ ଶୁଭୁଛି ନିହାଣ ହାତୁଡ଼ି ଶବ୍ଦ

ଆରଡ଼ି, ୧୮।୯ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ଗାଁ ବିଶ୍ୱକର୍ମା ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଆକର୍ଷଣୀୟ ତୋରଣ ସହିତ ସୁସଜ୍ଜିତ ପୂଜା ମଣ୍ଡପରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଦର୍ଶନ କରିବାକୁ ପାଖ ଗାଁରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଶନିବାର ଶେଷ ହେବ। ପୂଜା ପାଇଁ ୫ ଦିନ ଧରି ଗାଁ ଚଳଚଞ୍ଚଳ ହୋଇଉଠେ। ପ୍ରଥମ ଦିନରେ ଘଟ ଉତ୍ତୋଳନ ସହ ଦେବଶିଳ୍ପୀଙ୍କୁ ଆରାଧନା କରାଯାଇଥିଲା। ବୁଧବାରଠାରୁ ଘରେ ଘରେ ହେବ ପିଠାପଣାର ଆୟୋଜନ। ପ୍ରତିବର୍ଷ ପରି ଚଳିତବର୍ଷ ସନ୍ଧ୍ୟାରେ ଆରିସା କାକରା, ଘିଅ ପିଠା, କ୍ଷିରୀ, ପୁରି, ମାଲପୁଆ, ରସାବଳି ସାଙ୍ଗକୁ ଭଳିକି ଭଳି ମିଠା ନିଜ ପଡ଼ୋଶୀଙ୍କ ବ୍ୟତୀତ ଆଖପାଖ ଗାଁ ଲୋକଙ୍କୁ ପରସାଯିବ। ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ ସହ ପାଲା ଆଦି ପାରମ୍ପରିକ ଲୋକକଳାକୁ ବଜାୟ ରଖିବା ପାଇଁ କାର୍ଯ୍ୟକ୍ରମ ରହିଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।



ମଣ୍ଡପରେ ପୂଜା ପାଉଥିବା ଦେବଶିଳ୍ପୀଙ୍କ ମୃଣ୍ମୟ ମୂର୍ତ୍ତି।

ଗାଁ ଲୋକଙ୍କ କହିବା ଅନୁଯାୟୀ, ଏଠାରେ ୩୦ ସୂତାର ପରିବାର ବସବାସ କରୁଛନ୍ତି। ପ୍ରାୟ ୩୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗାଁରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ପୂଜକ ଭାବେ ପଣ୍ଡିତ ଅନୀଲ କୁମାର ପଣ୍ଡା ଓ ସୁନୀଲ କୁମାର ପଣ୍ଡା ପୂଜା କାର୍ଯ୍ୟ ତୁଲାଉଛନ୍ତି। ସକାଳୁ ମଙ୍ଗଳ ଆଳତି ପରଠାରୁ ଏହି ୨ ପଣ୍ଡିତ ପୁରାଣ ପାଠ କରୁଛନ୍ତି। ପ୍ରତିଦିନ ଘୃତାହୂତି ସହ ନାନା ପୂଜାକର୍ମ ହେଉଛି। ସେମାନଙ୍କ ମନ୍ତ୍ର ଧ୍ୱନିରେ ଗାଁ ମୁଖରିତ ହୋଇଉଠୁଛି। ବିଶ୍ୱକର୍ମା ପୂଜାକୁ ନେଇ ଗାଁରେ ରହିଛି ଅନେକ କିମ୍ବଦନ୍ତୀ। ପୂଜା ମଣ୍ଡପରେ ମୂର୍ତ୍ତି ତିଆରି କରି ଆରାଧନା କରିବାକୁ ପ୍ରଭୁ ସ୍ୱପ୍ନାଦେଶ ଦେଇଥିଲେ। ସେହିଦିନଠୁ ବର୍ଷବର୍ଷ ଧରି ଏହି ପୂଜା ଆୟୋଜନ କରାଯାଇ ଆସୁଛି। ଗାଁରେ ବିଶ୍ୱକର୍ମା ପୂଜାଠାରୁ ୧୫ ଦିନ ପର୍ଯ୍ୟନ୍ତ ନିସ୍ତବ୍ଧ ରାତିରେ ନିହାଣ ହାତୁଡ଼ିର ଶବ୍ଦ ଶୁଣିବାକୁ ମିଳେ। ଏହା ପ୍ରତିବର୍ଷ ଶୁଣାଯାଏ ବୋଲି ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶ୍ୱମ୍ଭର ସୂତାର କହନ୍ତି। ଭାଇଚାରା ସୃଷ୍ଟି କରିବାରେ ବିଶ୍ୱକର୍ମା ପୂଜା ସହାୟକ ହୁଏ ବୋଲି ପୂର୍ବତନ ସରପଞ୍ଚ କିଶୋର ନାୟକ କହିଛନ୍ତି।



କୁଳେଇପଦାରେ ତହସିଲ କର୍ମଚାରୀମାନେ ସୀମା ନିର୍ଦ୍ଧାରଣ କରୁଛନ୍ତି।

## ସାଇନ୍ସ ପାର୍କ ଲାଗି ସୀମା ନିର୍ଦ୍ଧାରଣ

ଆରଡି, ୧୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତ କୁଳେଇପଦାଠାରେ ନିର୍ମାଣ ହେବାକୁ ଥିବା ସାଇନ୍ସ ପାର୍କ କାର୍ଯ୍ୟ ଆରମ୍ଭ ହେବାର ସଂକେତ ମିଳିଛି। ପାର୍କ ନିର୍ମାଣ ପାଇଁ ସୀମା ନିର୍ଦ୍ଧାରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଅପରାହ୍ଣରେ ଚାନ୍ଦବାଲି ତହସିଲଦାରଙ୍କ ଉପସ୍ଥିତିରେ ତହସିଲ କର୍ମଚାରୀମାନେ ସୀମା ନିର୍ଦ୍ଧାରଣ ପୂର୍ବକ ଅସ୍ଥାୟୀ ଭାବେ ବାଉଁଶ ପୋତିଛନ୍ତି। ଆରଡ଼ି ଆର୍‌ଆଇ ଦେବାଶିଷ ରାୟ କୁଳେଇପଦା ଗ୍ରାମର ପରେଶ ବିଶ୍ୱାଳ, ଦୁଃଶାସନ ଖଟୁଆ, ପୂର୍ଣ୍ଣଶୋଲ୍କ ବିଶ୍ୱାଳ ଓ ଅନ୍ୟ କେତେକ ବ୍ୟକ୍ତିଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ନିକଟରେ ସେହି ଗ୍ରାମର ଅଧିକ ବ୍ୟକ୍ତିଙ୍କ ଉପସ୍ଥିତିରେ ଶେଷ ସୀମା ନିର୍ଦ୍ଧାରଣ କରାଯିବ ବୋଲି ଆର୍‌ଆଇ ରାୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଆସିଥିବା ବିଭାଗୀୟ ବିଶେଷଜ୍ଞ ଟିମ୍‌ର ସୂଚନା ଅନୁଯାୟୀ ସର୍ଭେର ଦେଢ଼ ମାସ ମଧ୍ୟରେ ସାଇନ୍ସ ପାର୍କ ନିର୍ମାଣ ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ସୀମା ନିର୍ଦ୍ଧାରଣର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟ ସରୁ ନ ଥିବାରୁ କାମ ଆରମ୍ଭ ହୋଇପାରି ନାହିଁ। ତେବେ ଜିଲା ପ୍ରଶାସନ ଏ ନେଇ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଡ୍ରେନ୍ ନିର୍ମାଣ ନ ହୋଇ ଟଙ୍କା ଉଠାଣ

## ଅଭିଯୋଗ ପରେ କ୍ଷେତ୍ରୀୟ ତଦନ୍ତ

ଚାନ୍ଦବାଲି, ୧୮।୯ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ନୂଆଗାଁ ପଞ୍ଚାୟତରେ ଡ୍ରେନ୍ ନିର୍ମାଣ ହୋଇ ନ ଥିବା ବେଳେ ଏ ନେଇ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଉଠାଣ କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ବୁଧବାର ମଧ୍ୟାହ୍ନରେ କାଗଜପତ୍ର ତନଖି ସହ ନିର୍ମାଣ ସ୍ଥଳ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି। ବ୍ଲକ ପକ୍ଷରୁ ବୁଧବାର ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନାମରେ ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉଲ୍ଲେଖନୀୟ ଯେ, ସମ୍ପୃକ୍ତ ପଞ୍ଚାୟତର ସିଏଫ୍‌ସି ପ୍ରକଳ୍ପରେ ହଟପୁର ଗ୍ରାମର ଜଗବନ୍ଧୁ ନାୟକଙ୍କ ଘରଠାରୁ ବଣିଆ ଗୋହିରି ନାଳ ପର୍ଯ୍ୟନ୍ତ କଂକ୍ରିଟ ଡ୍ରେନ୍ ତିଆରି ପାଇଁ ଅଢ଼େଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାର ନିର୍ମାଣ କାମ କରା ନ ଯାଇ ଗତ ଫେବୃୟାରୀ ୫ରେ ବାଂଶଡ଼ାର ଏକ ବ୍ୟାଙ୍କ ଶାଖାରୁ ସମସ୍ତ ଟଙ୍କା ଉଠାଣ କରାଯାଇଛି। ନିର୍ମାଣରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ଏ ନେଇ ଖୋଳତାଡ଼ କରିବା ସହ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ବ୍ଲକ ଏବଂ ଡିଆର୍‌ଡିଏ ପକ୍ଷରୁ ଏହାର ତଦନ୍ତ ଓ ପଞ୍ଚାୟତର କାଗଜପତ୍ର ଯାଞ୍ଚ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିଥିଲା। ଏହାପରେ ତରବରିଆ ଭାବେ ଡ୍ରେନ୍ ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇ ନ ଥିବା ଦେଖିବାକୁ ମିଳିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପିଡି ରାଜେନ୍ଦ୍ର ପଣ୍ଡା, ନିର୍ବାହୀ ଯନ୍ତ୍ରୀ ରତିକାନ୍ତ ମାହୁନ୍ତ ପ୍ରମୁଖ ବ୍ଲକର ବିଭିନ୍ନ କାଗଜପତ୍ର ଯାଞ୍ଚ ପରେ ନୂଆଗାଁର ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ଏହି ପଞ୍ଚାୟତରେ ଅନ୍ୟ କେତେକ ଯୋଜନାରେ ହେରଫେର କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି।



ଅଧିକାରୀମାନେ ତଦନ୍ତ କରୁଛନ୍ତି।

### ପୁରୁଣାବଜାର ଲାଠିଚାର୍ଜ, ପଥରମାଡ଼ ଘଟଣା

# ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା

ଭଦ୍ରକ ଅଫିସ, ୧୮।୯

ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ସୋମବାର ରାତିରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଇ ପୁରୁଣାବଜାର ଥାନା ପୋଲିସ ଲୋକଙ୍କ ରୋଷର ଶିକାର ହୋଇଥିଲା। ଲୋକଙ୍କୁ ଘଉଡ଼ାଇବାକୁ ପୋଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଥିଲା। ଅନ୍ୟପକ୍ଷେ ଲୋକେ ମଧ୍ୟ ପୋଲିସ ଉପରକୁ ପଥରମାଡ଼ କରିଥିଲେ। ଏହି ଘଟଣାରେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଥାନାଧିକାରୀ ପ୍ରଜ୍ଞା ମହାନ୍ତିଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି, ଏଏସ୍‌ଆଇ ଦିଲ୍ଲୀପ ପାତ୍ର ଓ କନଷ୍ଟେବଲ ରୂପରଞ୍ଜନ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ପୋଲିସ ଉପରକୁ ପଥରମାଡ଼ ଘଟଣା ନେଇ ପୂର୍ବତନ ପୁରୁଣାବଜାର ଥାନାଧିକାରୀ ମହାନ୍ତି ଜଣେ ଦୋକାନୀ ସମେତ ୨୫୦ରୁ ୩୦୦ ଲୋକଙ୍କ ବିରୋଧରେ ଥାନାରେ ଏତଲା ଦାଏର କରିଛନ୍ତି। ଏନେଇ ପୁରୁଣାବଜାର ଥାନାରେ ମାମଲା(ନଂ.୧୭୩/୧୯) ରୁଜୁ ହୋଇଛି। ପୋଲିସ ଓ ପୋଲିସ ଗାଡ଼ି ଉପରକୁ ପଥରମାଡ଼ରେ କେତେକ କର୍ମଚାରୀ ଆହତ ହୋଇଥିବା ଏତଲାରେ ଦର୍ଶାଯାଇଛି। ନୂତନ ଥାନାଧିକାରୀ ରତିକାନ୍ତ ଗିରି ସେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଥାନାରେ ମାମଲା ରୁଜୁ ହୋଇଛି। ତେବେ ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଉତ୍ତେଜନାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ ଅଫିସ, ୧୮।୯

ଭଦ୍ରକ ସହର ପୁରୁଣାବଜାରରେ ଲାଠିଚାର୍ଜ ଘଟଣାକୁ ନେଇ ଗତ ତିନିଦିନ ଧରି ଉତ୍ତେଜନା ଲାଗି ରହିଛି। ପୋଲିସ ସ୍ଥିତି ନିୟନ୍ତ୍ରଣାଧୀନ ଥିବା କହୁଥିଲେ ମଧ୍ୟ ଉତ୍ତେଜନା ରହିଥିବା ନେଇ ଚର୍ଚ୍ଚା ହେଉଛି। ଏହି ଘଟଣାରେ ଦୋଷୀମାନଙ୍କୁ ଗିରଫ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଭଦ୍ରକ ସହରର ବୁଦ୍ଧିଜୀବୀ, ବିଭିନ୍ନ ଆଧାତ୍ମିକ ସଙ୍ଗଠନର ମୁଖ୍ୟ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଏ ନେଇ ଅସନ୍ତୋଷ ବ୍ୟକ୍ତ କରି ବୁଧବାର ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଥାନା ଘେରାଉ, ପଥରମାଡ଼, ରାସ୍ତା ଅବରୋଧକାରୀ ଓ ସହରରେ ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ବିଜୟ ସିହ୍ନା, ପ୍ରଦ୍ୟୁମ୍ନ ଶତପଥୀ, ବଜରଙ୍ଗ ଦଳର ସ୍ୱାଧୀନ ସୁନ୍ଦର ଦାସ, ଭାଗବତ ବାରିକ, ନିରଞ୍ଜନ ସାହୁ, କୈଳାସ ଦାସ, ପୁନିଲ ସାମଲ, ଦେବାଶିଷ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଓ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଭେଟି ସହରରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଛନ୍ତି। ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା, ପୋଲିସ ମହାନିର୍ଦ୍ଦେଶକ ଓ ଉପ-ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସରପଦାରେ ହେବ ମିନିଷ୍ଟାଡିୟମ୍



ସରପଦାରେ କ୍ଷେତ୍ର ପରିଦର୍ଶନ ବେଳେ ଆଲୋଚନା।

ଭଣ୍ଡାରିପୋଖରୀ, ୧୮।୯ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ସରପଦା ସ୍କୁଲ ପଡ଼ିଆରେ ମିନିଷ୍ଟାଡିୟମ୍ ନିର୍ମାଣ ସକାଶେ ଅଢ଼େଇ ଏକର ଜମି ନିରୂପଣ କରାଯାଇଛି। ବୁଧବାର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣିତକାନ୍ତ ସାମଲ କ୍ଷେତ୍ର ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଏମ୍‌ପି ଓ ସ୍ଥାନୀୟ ବିଧାୟକଙ୍କ ହାତପାଣ୍ଠିରୁ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଆସନ୍ତା ଦୁର୍ଗାପୂଜାଠାରୁ ମିନିଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ, ବସନ୍ତ ରାଉତ, ପ୍ରଭାକର ରାଉତ, ରାଜେଶ ବାରିକ, ଲକ୍ଷ୍ମୀକାନ୍ତ ସାହୁ, ଶୋଭନ ସାହୁ ଓ ବାବୁଲା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ବାହିନୀ ଦ୍ୱାରା ଚାରାରୋପଣ

ଭଦ୍ରକ ଅଫିସ, ୧୮।୯

ଭଦ୍ରକ ବ୍ଲକ ରାହାଞ୍ଜ ପଞ୍ଚାୟତର ବିଜୁ ଯୁବ ବାହିନୀ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀର ପ୍ରତ୍ୟେକ ସଭ୍ୟ ସେମାନଙ୍କ ଘର ଓ ଗାଁ ଲୋକଙ୍କ ଘର ପରିସରରେ ୨ଟି ଲେଖାଏ ଗଛ ଲଗାଇଥିଲେ। ଅଧିକରୁ ଅଧିକ ଗଛ କିପରି ବଞ୍ଚି ରହିବ ସେଥିପାଇଁ 'ବୃକ୍ଷବନ୍ଧୁ' ମଧ୍ୟ ଚୟନ କରାଯାଇଥିଲା। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ସ୍କୁଲଗୁଡ଼ିକରେ ଚାରାରୋପଣ କରାଯାଇଥିଲା।

## ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ, ୧୮।୯ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର-୨୦୧୯ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ ଓ ଏବିଇଓ ପୁରୁଷୋତ୍ତମ ଧଳ ଯୋଗଦେଇ ପ୍ରତ୍ୟେକ ବିଦ୍ୟାଳୟ ସ୍ୱଚ୍ଛତା ପୁରସ୍କାର ପାଇଁ ଅନ୍‌ଲାଇନରେ ଆସନ୍ତା ଅକ୍ଟୋବର ୧୪ ମଧ୍ୟରେ ଆବେଦନ କରିବାକୁ କହିଥିଲେ। ଏଥିସହ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଜଳ ଉତ୍ସ, ଶୌଚାଳୟ ଓ ହାତଧୁଆ ସାବୁନର ବ୍ୟବହାର ଦକ୍ଷତା ଉପରେ ପର୍ଯ୍ୟବସିତ ମନୋନୟନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏମ୍‌ଆଇଏସ୍ କୋଅର୍ଡିନେଟର୍ ଆଲୋକ ବିଶ୍ୱାଳ ସଂକ୍ଷିପ୍ତ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆର୍‌ସିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସମବାୟ ସମିତିରେ ଅଚଳାବସ୍ଥା ଜାରି

ଭଣ୍ଡାରିପୋଖରୀ, ୧୮।୯ (ଡି.ଏନ.ଏ.)

ଧାନ ବିକା ପାଉଣା ପାଇ ନ ଥିବାରୁ ଚାଷୀମାନେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ଅଧୀନ ସରସଦା ପ୍ରାଥମିକ କୃଷି ସେବା ସମବାୟ ସମିତି ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ସମିତି ଫାଟକରୁ ତାଲା ଖୋଲାଯାଇ ନାହିଁ। ଫଳରେ ଏହି ସମିତିରେ ଅଚଳାବସ୍ଥା ଦେଖାଦେଇଛି। ସମିତିରେ ନେଣଦେଣ ସହିତ ସମବାୟ ନିର୍ବାଚନ ପାଇଁ ପ୍ରସ୍ତୁତିରେ ବାଧାପ୍ରାପ୍ତ ଏବଂ ଆଗାମୀ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିବାରେ ବାଧା ଉପୁଜିଛି। ଏଯାଏ ଜିଲା ଯୋଗାଣ ଓ ସମବାୟ ବିଭାଗର ଉଚ୍ଚ ପଦାଧିକାରୀ ସମସ୍ୟାର ସମାଧାନ ଦିଗରେ ଚାଷୀମାନଙ୍କ ସହ ଆଲୋଚନା କରୁ ନ ଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଏ ସମ୍ପର୍କରେ ସରସଦା ସମବାୟ ସମିତି ସମ୍ପାଦକ ଅଜୟ ବେହେରା କହିଛନ୍ତି, କେତେକ ସମିତି ସଭାପତି ଧାନ ବିକ୍ରି ଟଙ୍କା ପାଇ ନ ଥିବା ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଗୁରୁବାର ଏହାର ସମାଧାନର ସୂତ୍ର ବାହାରିଯିବ। ଚାଷୀମାନଙ୍କୁ ବୁଝାଯିବା ପରେ ଗୁରୁବାର ସମିତିରୁ ତାଲା ଖୋଲିବାକୁ ରାଜି ହୋଇଥିବା ସେ କହିଛନ୍ତି।

### ନବନିର୍ମାଣ କୃଷକ ସଙ୍ଗଠନର ଚାଷୀ ସମାବେଶ

# ନ୍ୟାଯ୍ୟ ଦାବି ହାସଲ ଲାଗି ସଙ୍ଗଠିତ ହୁଅ

ତିହିଡ଼ି, ୧୮।୯ (ଡି.ଏନ.ଏ.)

ଚାଷୀ ସବୁଠୁ ଅଧିକ ନିଷ୍ପେଷିତ ଓ ନିର୍ଯାତିତ। ନେତାମାନେ ଭୋଟ ହାତେଇବା ପରେ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ୟବସ୍ଥାର ପରିବର୍ତ୍ତନ କରି ଚାଷୀଙ୍କୁ ସଜାଗ କରିବାର ଆବଶ୍ୟକତା ରହିଛି ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଅନୁଷ୍ଠିତ ଚାଷୀ ସମାବେଶରେ ମତପ୍ରକାଶ ପାଇଥିଲା। ତିହିଡ଼ିସ୍ଥିତ ଦିନ୍‌ଦୟାଳ ଭବନରେ ଆୟୋଜିତ ସମାବେଶରେ ବୋଡ଼କ ଶାଖା ସଂଯୋଜକ ଜୟପ୍ରକାଶ ମଳିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଯୋଜକ ଉମାକାନ୍ତ ଭାରତୀ ଯୋଗଦେଇ ଚାଷୀ ସଙ୍ଗଠିତ ହେଲେ ସେମାନଙ୍କ ନ୍ୟାଯ୍ୟ ଦାବି ହାସଲ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଭାପତି ତ୍ରିଲୋଚନ ପଣ୍ଡା ଯୋଗଦେଇ କାଳିଆ ଯୋଜନାରେ ପ୍ରକୃତ ଚାଷୀ ଉପକୃତ ହୋଇପାରି ନ ଥିବା ଅଭିଯୋଗ ଉଠାଇଥିଲେ। ଜିଲା ସଂଯୋଜକ ସତ୍ୟରଞ୍ଜନ ନାୟକ, ଧାମନଗର ସଂଯୋଜକ ପୀତବାସ ମହାନ୍ତି, ତିହିଡ଼ି ଉପଦେଷ୍ଟା ନୀଳମାଧବ ସେନାପତି, ସଭାପତି ଗଗନ ବିହାରୀ ମହାନ୍ତି ଓ ହୃଦାନନ୍ଦ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଅବହେଳା ଯୋଗୁ ଚାଷ ଓ ଚାଷୀଙ୍କ ଉନ୍ନତି ହୋଇପାରୁ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ବିଷ୍ଣୁମୋହନ ପଲାଇ, ପି. ହୃଷୀକେଶ, ବାଇଧର ସାହୁ, ବିଷ୍ଣୁମୋହନ ମଳିକ, ଗଣେଶ ମଳିକ, ରମାକାନ୍ତ ନାୟକ, ଭାସ୍କର ମାଝି, ବିମଳା ଦାସ, ଲକ୍ଷ୍ମୀପ୍ରିୟା ପଣ୍ଡା ଓ ମନୋରମା କର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଙ୍ଗଠନର ତିହିଡ଼ି ଶାଖା କମିଟି ସଭାପତି ରୂପେ ଗଗନ ବିହାରୀ ମହାନ୍ତି, ଉପସଭାପତି ଜୟପ୍ରକାଶ ମଳିକ ଏବଂ ଉପଦେଷ୍ଟା ଭାବେ ବଳରାମ ମଳିକ ଓ ନୀଳମାଧବ ସେନାପତିଙ୍କୁ ମନୋନୀତ କରାଯାଇଥିଲା।




ସମାବେଶରେ ସଙ୍ଗଠନର ଜିଲା ସଭାପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ମୁକୁଳା ଉପକୂଳରେ 'ସାଗର କବଚ'

**ଭୋଗରାଇ,୧୮।୯(ଡି.ଏନ.ଏ.)**

ଜଳପଥରେ ବଡ଼ଧରଣର ଆକ୍ରମଣ ଆଶଙ୍କା ଥିବା ନେଇ ଗୋଇନ୍ଦା ସଂସ୍ଥା ସୂଚନା ଦେବା ପରେ ପୂର୍ବ-ଦକ୍ଷିଣ ବଙ୍ଗୋପସାଗର ଓ ପଶ୍ଚିମ ଆରବ ସାଗରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପଡୋଶୀ ପଶ୍ଚିମବଙ୍ଗ ସୀମା ଦୀଘାଠାରୁ ଗୋପାଳପୁର ପର୍ଯ୍ୟନ୍ତ ଓଡ଼ିଶାରେ ୪୮୧ କି.ମି. ବ୍ୟାପ୍ତ ଉପକୂଳ ମୁକୁଳା ପଡ଼ିଛି। ବାଲେଶ୍ୱର ଜିଲାରେ ୮୪ କି.ମି. ଉପକୂଳ ରହିଛି, ଯାହା ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ସୁରକ୍ଷା ଦୃଷ୍ଟିରୁ ଏହି ଉପକୂଳ ଅଞ୍ଚଳରେ

- ସମରାଭ୍ୟାସରେ ସାମିଲ ହେଲେ ସବୁ ମେରାଇନ୍ ଥାନା
- ଦୁଇଦିନ ଧରି ଚାଲିବ ୨୪ଘଣ୍ଟିଆ ସମରାଭ୍ୟାସ

ସାମୁଦ୍ରିକ ଥାନା ପକ୍ଷରୁ ବୁଧବାରଠାରୁ ସାଗର କବଚ କାର୍ଯ୍ୟକ୍ରମରେ ୨୪ଘଣ୍ଟିଆ ସମରାଭ୍ୟାସ ଆରମ୍ଭ କରାଯାଇଛି। ଏହା ଦୁଇଦିନ ଧରି ଚାଲିବ। ଏଥି ପୂର୍ବରୁ ସମୁଦ୍ରରେ ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି।

ଓଡ଼ିଶାର ସମସ୍ତ ଉପକୂଳ ଜିଲାରେ ୧୮ଟି ମେରାଇନ୍ ଥାନା ରହିଛି। ବାଲେଶ୍ୱର ଜିଲାରେ ତାଳସାରୀ, ବାହାବଳପୁର ଓ ବଳରାମଗଡ଼ି ମେରାଇନ୍ ଥାନା ଅଛି। ଏ ସମସ୍ତ ଥାନାରେ ଆବଶ୍ୟକୀୟ କର୍ମଚାରୀ ନ ଥିବା ବେଳେ ଆବଶ୍ୟକତା ଅନୁଯାୟୀ ଅସ୍ତ୍ରଶସ୍ତ୍ର ଓ ସ୍ପିଡ୍‌ବୋଟ୍ ଯୋଗାଇ ଦିଆଯାଇ ନାହିଁ। ଭଦ୍ରକର ଚାନ୍ଦବାଲି ଠାରୁ ବାଲେଶ୍ୱର ମଧ୍ୟରେ ଅନେକ ମାଛଧରା ଜେଟି ଥିବାରୁ ପ୍ରତିଦିନ ଶହଶହ ଯନ୍ତ୍ରଚାଳିତ ନୌକା ସମୁଦ୍ରରେ ମାଛ ଧରିବା ଲାଗି ଯାଉଛନ୍ତି। ହଜାର ହଜାର ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଏହି ଉପକୂଳ ଉପରେ ନିର୍ଭର କରୁଛି। ଅଧିକାଂଶ ମତ୍ସ୍ୟଜୀବୀଙ୍କ ଟ୍ରଲରରେ ଆକସ୍ମିକ ଦୁର୍ଘଟଣାରେ ସୂଚନା ନିମନ୍ତେ 'ଡାଟା' ଟ୍ରାନ୍ସମିଟର ଲାଗି ନାହିଁ କି ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଲାଇଫ୍ ଜାକେଟ୍ ଦିଆଯାଇ ନାହିଁ। ଏଭଳି ସ୍ଥିତି ସତ୍ତ୍ୱେ ବିଦେଶୀ ସନ୍ତ୍ରାସବାଦୀଙ୍କ ଆକ୍ରମଣ ଆଶଙ୍କାକୁ ନଜରରେ ରଖି ଗତବର୍ଷ ଠାରୁ ସମୁଦ୍ରରେ 'ସାଗର କବଚ' ସମରାଭ୍ୟାସ କରାଯାଉଛି। ଏଥିଲାଗି ସମସ୍ତ ସାମୁଦ୍ରିକ ଥାନା ଓ କୋଷ୍ଟଗାର୍ଡ୍, ନୌସେନା ପକ୍ଷରୁ ବୁଧବାର ସମୁଦ୍ରରେ ସ୍ୱତନ୍ତ୍ର ତଲାସୀ ଅଭିଯାନ ଗ୍ରହଣ କରାଯାଇଥିଲା। ବାଲେଶ୍ୱରର ଉଦୟପୁର, ତାଳସାରୀ, ରଣସିଂପୁର, କୀର୍ତ୍ତନିଆ ଉପକୂଳ ଅଞ୍ଚଳ ସମେତ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରଠାରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଅନୁପ୍ରବେଶକାରୀଙ୍କ ପ୍ରତି ନଜର ରଖାଯାଇଥିଲା। ତାଳସାରୀ ସମୁଦ୍ର ଉପକୂଳରେ ସେଠାକାର ମେରାଇନ୍ ଥାନାଅଧିକାରୀ ତୁଶୀଳ ମାଝି, ଏଏସ୍‌ଆଇ ହେମନ୍ତ ଚନ୍ଦ୍ର ପାତ୍ର, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବିଶ୍ୱନାଥ କରଙ୍କ ନେତୃତ୍ୱରେ ବାଲେଶ୍ୱରରୁ ଆସିଥିବା ବହୁ ପୋଲିସ ଫୋର୍ସ ସ୍ପିଡ଼ବୋଟ୍‌ରେ ସମୁଦ୍ରକୂଳରେ ପଇଁତରା ମାରି ତଲାସୀ ଜାରି ରଖିଥିଲେ। 'ସାଗର କବଚ' ଅଭିଯାନ ଉପକୂଳ ସୁରକ୍ଷାରେ ସହାୟକ ହେବ ବୋଲି ସାମୁଦ୍ରିକ ଥାନା ଓ ଉପକୂଳରକ୍ଷୀ ତଟବାହିନୀ ପକ୍ଷରୁ କୁହାଯାଇଛି।


ତାଳସାରୀ ଉପକୂଳରେ ପୋଲିସ ପକ୍ଷରୁ ତଲାସୀ ଅଭିଯାନ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ରୂପ୍‌ସା,୧୮।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ଅନ୍ତର୍ଗତ ହାତିଆଡ଼ିହା ଗ୍ରାମରେ ବୁଧବାର ପୋଖରୀରେ ବୁଡ଼ି ଏକ ଶିଶୁପୁତ୍ର ପ୍ରାଣ ହରାଇଛି। ଚନ୍ଦନ କୁମାର ପଣ୍ଡିତଙ୍କ ସାଢ଼େ ୩ ବର୍ଷର ଶିଶୁପୁତ୍ର ହିମାଂଶୁ ପୂର୍ବାହ୍ନରେ ଖେଳୁଥିବାବେଳେ ଏହି ଅଘଟଣ ଘଟିଛି। ଘରେ କେହି ନ ଥିବା ସମୟରେ ଅସାବଧାନତା ବଶତଃ ହିମାଂଶୁ ଘର ପାଖ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାରଲୋକେ ଖୋଜାଖୋଜି କରି ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏଭଳି ଦୁଃଖଦ ଘଟଣା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### 'ସବାରି' ଗାଡ଼ି ଓଲଟି କନ୍ୟା ମୃତ, ମା' ଗୁରୁତର

**ସୋର, ୧୮।୯(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାଇକାଲିଠାରେ ବୁଧବାର ସକାଳେ ଏକ 'ସବାରି' ଗାଡି ଓଲଟି ପଡିବାରୁ ସେଥିରେ ଯାତ୍ରୀ ଥିବା ଜଣେ ବାଳିକାଙ୍କ ଦୁର୍ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ବାଳିକାଙ୍କ ମା' ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ସୋର ଥାନା ଅଧୀନ ସାଉଡ ନଡିଆଳି ଗ୍ରାମର ପୁରୁଷୋତ୍ତମ ବେହେରାଙ୍କ ସ୍ତ୍ରୀ ପାର୍ବତୀ କନ୍ୟା ସୁଭଦ୍ରା(୯)ଙ୍କୁ ନେଇ ସାଉଡରୁ ସୋରକୁ ଆସୁଥିବା ଏକ ସବାରିରେ ଯାଉଥିଲେ। ରାସ୍ତାରେ ଏକ ଟ୍ରକ୍‌କୁ ସବାରି ଓଭରଟେକ୍ କରୁଥିବା ବେଳେ ହଠାତ୍ ଏକ ଷଣ୍ଢ ଗାଡି ଆଗକୁ ଆସିଯିବାରୁ ଏହା ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ସବାରିର ପାର୍ଶ୍ୱ ସିଟ୍‌ରେ ବସିଥିବା ସୁଭଦ୍ରା ତଳକୁ ଖସିପଡି ଗାଡି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଏଥିରେ ପାର୍ବତୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଆକ୍ରମଣ ଘଟଣା ନେଇ ୨ ପୃଥକ୍ ମାମଲା

**ରୂପ୍‌ସା,୧୮।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଗ୍ରାମର ଡ୍ରେନ ନିର୍ମାଣକୁ ନେଇ ଗଣ୍ଡଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ଥାନାରେ ଅଭିଯୋଗ କ୍ରମେ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନ ଅନୁଯାୟୀ ମଙ୍ଗଳବାର ରାତିରେ ସଞ୍ଜୟ କୁମାର ବେହେରା ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ବେହେରାଙ୍କୁ ସେହି ଗ୍ରାମର ବିନୁ ପରିଡ଼ା ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୬୬/୧୯) ରୁଜୁ କରିଛି। ଅପରପକ୍ଷରେ ବିନୁ ପରିଡ଼ାଙ୍କୁ ଆକ୍ରମଣ ହୋଇଥିବା ନେଇ ପାଲଟା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଭିତ୍ତିରେ ଅନ୍ୟ ଏକ ମାମଲା (ନଂ. ୬୭/୧୯) ରୁଜୁ କରାଯାଇଛି।

# ତଦନ୍ତ ପରେ ପ୍ରଧାନ ଶିକ୍ଷକ ନିଲମ୍ବିତ

**ଖଇରା,୧୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ କଣ୍ଟାପଡା ୟୁଜିୟୁପି ସ୍କୁଲରେ ପାଠ ପଢାଇବା ବେଳେ ଆପତ୍ତିଜନକ ଶବ୍ଦ ବ୍ୟବହାର କରିବା ଘଟଣାର ତଦନ୍ତ ପରେ ପ୍ରଧାନଶିକ୍ଷକ ଅର୍ଜୁନ ଶିଅଳଙ୍କୁ ବୁଧବାର ନିଲମ୍ବିତ କରାଯାଇଛି। ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା, ଖଇରା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ଏବଂ ଆଞ୍ଚଳିକ ସାଧନ ସଂଯୋଜକ ଅଶୋକ କୁମାର ଦାସ ମଙ୍ଗଳବାର ଏହି ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ପଚରା ଉଚୁରା କରି ତଦନ୍ତ କରିଥିଲେ। ଏ ସମ୍ପର୍କରେ ସେମାନେ ବିଇଓ ଧରଣୀଧର ପାତ୍ରଙ୍କୁ ତଦନ୍ତ ରିପୋର୍ଟ ଦେବା ପରେ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ବେଳେ ପ୍ରଧାନଶିକ୍ଷକ ଖରାପ ଶବ୍ଦ ବ୍ୟବହାର ସହ କଳାପଟାରେ ଲେଖିବା ଘଟଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କଠାରୁ ଅଭିଭାବକମାନେ ଜାଣି ୪ ଦିନ ତଳେ ବ୍ଲକ ଶିକ୍ଷାଧିକାରୀ( ବିଇଓ)ଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାପରେ ବିଇଓ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଅର୍ଜୁନ ଶିଅଳଙ୍କୁ ପଚାରିବାରେ ସେ ରାମାୟଣ ବିଷୟ ପଢାଇବା ବେଳେ ବହିରେ ଥିବା କିଛି ଶବ୍ଦ ଛାତ୍ରୀଛାତ୍ରଙ୍କ ଆଗରେ କହିଥିଲେ । ପୂର୍ବରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଯୋଗୁ ଅସନ୍ତୁଷ୍ଟ ଥିବା କେତେକ ଶିକ୍ଷୟିତ୍ରୀ ଏହି କଥାକୁ ବଢ଼ାଇ ତାଙ୍କ ବିରୋଧରେ ଏଭଳି ଅଭିଯୋଗ ଅଭିଭାବକଙ୍କ ଜରିଆରେ ଆଣିଥିବା ସେ କହିଛନ୍ତି ।

# ଶିବିରରେ ୩ଶହ ରୋଗୀଙ୍କୁ ଚିକିତ୍ସା

**ଭୋଗରାଇ, ୧୮।୯ (ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଆର୍ଥିକ ଅନଗ୍ରସର ଲୋକଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ସେମାନଙ୍କୁ ସଚେତନ କରାଇବା ଲକ୍ଷ୍ୟ ରଖି ଅମର୍ଦ୍ଦାଠାରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ତ୍ରୀରୋଗ ଓ ଶିଶୁରୋଗ ବିଶେଷଜ୍ଞମାନେ ଶିବିରରେ ୩ଶହରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହିଅବସରରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଫୁଜନ ମାଇକ୍ରୋଫାଇନାନ୍ସ ପକ୍ଷରୁ ଅନୁଷ୍ଠିତ ସଚେତନତା ସଭାରେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ଘୋଷ ପୌରୋହିତ୍ୟ କରିଥିଲେ। ଶିବିରରେ ଡା. ନୀଳିମା ନାୟକ, ଏ. ଯାଦବ, ମ୍ୟାନେଜର ପ୍ରଶାନ୍ତ ପାଣିଗ୍ରାହୀ, ଏରିଆ ମ୍ୟାନେଜର ବିଭୁଦତ୍ତ ପ୍ରଧାନ, ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ସଚେତନତା ପାଇ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

# ନିଶ୍ଚିହ୍ନ ହୋଇଗଲା ୬୨ବର୍ଷ ତଳର ଫରେଷ୍ଟ ଚେକ୍ ଗେଟ୍


କୁପାରୀ ଫରେଷ୍ଟ ଗେଟ୍ ଉଠିବା ପରେ ସ୍ଥାନ ଖାଲି ପଡିଛି।

**ଖଇରା, ୧୮।୯ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀଠାରେ ଥିବା ୬୨ବର୍ଷ ତଳର ଫରେଷ୍ଟ ଚେକ ଗେଟକୁ ଉଠାଇ ଦିଆଯାଇଛି । ଏଥିଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଶାରିଶୂଆ ପାହାଡରୁ ଆସୁଥିବା ଲଘୁ ଖଣିଜ ଦ୍ରବ୍ୟ, ବନ୍ୟଜାତ ସାମଗ୍ରୀ ଇତ୍ୟାଦି ଯାଞ୍ଚ କରିବା ସହ ଖିଲାପକାରୀଙ୍କ ବିରୋଧରେ ଚାଲାଣ କାଟିବାକୁ ୧୯୫୭ ମସିହାରେ ଏହି ଚେକ ଗେଟ ସ୍ଥାପନ କରାଯାଇଥଲା। ନିକଟରେ କୁପାରୀ ଶାରୀଶୂଆ ପାହାଡ ତଳି ଇଲାକାରେ ମହୁଲୀମଦ ବାସନରେ ଆସୁଥିବା ହାତୀଙ୍କ ଯାତାୟାତକୁ ନିୟନ୍ତ୍ରିତ କରିବାକୁ ଭାଟିବନ୍ଦ ଉଦ୍ଦେଶ୍ୟରେ ମଦ ଧରପଗଡ ଆରମ୍ଭ କରାଯିବାରୁ ଏଠାରେ କାର୍ଯ୍ୟରତ ଫରେଷ୍ଟରଙ୍କୁ କୁପାରୀରୁ ବଦଳି କରାଯାଇଥିଲା। ଫରେଷ୍ଟର ପଦବୀ ଖାଲି ପଡିବାର କିଛିଦିନ ମଧ୍ୟରେ ଗେଟ ରାତିଅଧିଆ ଉଠିଯିବା ଘଟଣା ସମସ୍ତଙ୍କୁ ଚକିତ କରଛି। ଏ ସମ୍ପର୍କରେ ସୋର ରେଞ୍ଜର ଲକ୍ଷ୍ମଣ ପ୍ରଧାନଙ୍କୁ ପଚାରିବାରୁ ସେ ଦୁଇଟି କାରଣ ଦର୍ଶାଇଛନ୍ତି। ପ୍ରଥମଟି ହେଲା ଗେଟ ଜଗିବା ପାଇଁ କୌଣସି ଷ୍ଟାଫ ନାହାନ୍ତି । ଦ୍ୱିତୀୟଟି ହେଲା ଗେଟ ଯୋଗୁଁ ଅନେକ ସମସ୍ୟା ଉପୁଜୁଛି ଏବଂ ଜଙ୍ଗଲ ବିଭାଗ ବଦନାମ ହେଉଛି । ଉଭୟ ରାଜସ୍ୱ ଓ ଜଙ୍ଗଲବିଭାଗ ତରଫରୁ କର୍ମଚାରୀ ଦିଆଗଲେ ପୁନଃ ଗେଟ ସ୍ଥାପନ କରାଯିବ ବୋଲି ପ୍ରଧାନ ପ୍ରକାଶ କରିଛନ୍ତି । ଖଣି ଚୋର ଓ ଜଙ୍ଗଲ ବିଭାଗର କେତେକ କର୍ମଚାରୀଙ୍କ ସଲାସୁତୁରା ଯୋଗୁଁ ଗେଟଥ ଉଠିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

**ରେମୁଣା,୧୮।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଶେରଗଡ଼ ପଞ୍ଚାୟତର ବାସନ୍ତୀ ସିଂ (୩୦) ନାମ୍ନୀ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତାଙ୍କ ସ୍ୱାମୀ ଭରତ ସିଂ (୩୫) ଙ୍କୁ ଅଟକ ରଖି ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା (ନଂ. ୨୯୦/୧୯) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ ଭରତ ଓ ତାଙ୍କର ଜଣେ ସମ୍ପର୍କୀୟ ମଙ୍ଗଳବାର ଭୋଜି ଖାଇବା ସହ ମଦ୍ୟପାନ କରିଥିଲେ। ଅତ୍ୟଧିକ ନିଶାସକ୍ତ ହେବାଯୋଗୁଁ ପଡ଼ୋଶୀମାନେ ସେମାନଙ୍କୁ ସନ୍ଧ୍ୟାରେ ଆଣି ଘରେ ଛାଡ଼ିଥିଲେ। କୌଣସି କାରଣରୁ ରାତି ୮ଟା ସମୟରେ ଭରତ ଓ ତାଙ୍କ ସ୍ତ୍ରୀ ବାସନ୍ତୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘଟଣାସ୍ଥଳରେ ବାସନ୍ତୀ ଚେତାଶୂନ୍ୟ ହୋଇ ପଡ଼ିଯାଇଥିବା କହି ଭରତ ପଡ଼ୋଶୀଙ୍କୁ ଡାକିଥିଲେ। ପଡ଼ୋଶୀ ଲୋକେ ପହଞ୍ଚି ବାସନ୍ତୀ ଉଠୁ ନ ଥିବା ଦେଖି ଖନ୍ତାପଡ଼ା ଥାନାକୁ ଖବର ଦେଇଥିଲେ। ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଘଟଣାର ତଦନ୍ତ କରୁଥିବା ଖନ୍ତାପଡ଼ା ଥାନା ପୋଲିସ କହିଛି।

# ମଦଦୋକାନକୁ ନେଇ ପୁଣି ଉତ୍ତେଜନା

**ରସାଳପୁର,୧୮।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସାରଗାଁ ବଜାରରେ ଥିବା ବିଦେଶୀ ମଦ ଦୋକାନକୁ ନେଇ ପୁଣି ଉତ୍ତେଜନା ଦେଖାଦେଇଛି। ବୁଧବାର ଅପରାହ୍ନରେ ୨ଟା ସମୟରେ ସେଠାରେ ଦୁଇଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ କେତେକ ଯୁବକ ତରୱାଲ ଓ ତେଲେଙ୍ଗାନା କଟୁରୀ ଧରି ମଦ ଦୋକାନ ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ସ୍ଥାନୀୟଲୋକେ ଓ ସରପଞ୍ଚ ରବୀନ୍ଦ୍ର ନାୟକ ପହଞ୍ଚି ମଦ ଦୋକାନ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ଦୋକାନ ବନ୍ଦ କରିବାକୁ କହିଥିଲେ। କର୍ମଚାରୀମାନେ ଦୋକାନ ବନ୍ଦ ନ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟଲୋକ ଏବଂ ସରପଞ୍ଚଙ୍କୁ ବୁଝାସୁଝା କରି ଦୋକାନକୁ ବନ୍ଦ କରି ଦେଇଥିଲେ। ସ୍ଥାନୀୟଲୋକ ଓ ସରପଞ୍ଚଙ୍କ କହିବାନୁସାରେ ବସ୍ତି, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ ସମେତ ସରକାରୀ କାର୍ଯ୍ୟାଳୟ ଥିବା ଅଞ୍ଚଳରେ ମଦ ଦୋକାନ ଥିବାରୁ ଏହାକୁ ଉଚ୍ଛେଦ କରିବା ଲାଗି ଦାବି ହୋଇ ଆସୁଛି। ଏସମ୍ପର୍କରେ ବହୁବାର ଜିଲାପ୍ରଶାସନ, ଅବକାରୀ ବିଭାଗ ନିକଟରେ ଅଞ୍ଚଳବାସୀଦାବି କରିଛନ୍ତି। ମଦ ପିଇ ଲୋକେ ନିଶାଗ୍ରସ୍ତ ହୋଇ ସଦାସର୍ବଦା ଗଣ୍ଡଗୋଳ କରୁଥିବାରୁ ପରିବେଶ ଖରାପ ହେବାରେ ଲାଗିଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ମଦ ଦୋକାନରେ ସିସିଟିଭି ଲଗାଯାଇଥିଲେ ମଧ୍ୟ କ୍ୟାମେରା କାମ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।


ମଦ ଦୋକାନ ସମ୍ମୁଖରେ ଗଣ୍ଡଗୋଳ।

# ୧୨ ଫୁଟ୍‌ର ଅଜଗର ଉଦ୍ଧାର

**ସଜନାଗଡ଼, ୧୮।୯ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ କାଣ୍ଡଗରଡ଼ିହି ପଞ୍ଚାୟତ ଶିକିରିଆ ଗ୍ରାମରୁ ବୁଧବାର ୧୨ ଫୁଟ୍ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟି ଖାଦ୍ୟ ଅନ୍ୱେଷଣରେ ଅଭୟାରଣ୍ୟରୁ ଜନବସତି ଆଡ଼କୁ ପଶି ଆସିଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମ ଭିତରେ ଏକ ବାଡ଼ରେ ଘେରା ଯାଇଥିବା ଜାଲ ଭିତରେ ଛନ୍ଦି ହୋଇ ଯାଇ ଗର୍ଜନ କରିବାରୁ ଗ୍ରାମବାସୀ ସେଠାକୁ ଯାଇ ଦେଖିବା ପରେ ନୀଳଗିରି ବନବିଭାଗକୁ ଖବର ଦେଇଥିଲେ। ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ଉଦ୍ଧାର କରିବା ସହ ଚିକିତ୍ସା କରାଇଥିଲେ। ପରେ ତାକୁ କୁଲଡ଼ିହା ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବାର ସୂଚନା ମିଳିଛି।


ଉଦ୍ଧାର ଅଜଗର ।

# ୧କୋଟି ଖର୍ଚ୍ଚ ପରେ ବି ମିଳିଲାନି ପିଇବା ପାଣି

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା,୧୮।୯**

- ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଅନ୍ତରାୟ ସାଜିଛି
- ଭୋଟ ବର୍ଜନ ଚେତାବନୀ ଦେବାରୁ ୧୦ ଦିନ ଆସିଥିଲା ପାଣି
- ସେବେଠାରୁ ଅଚଳ ହୋଇ ରହିଛି ପ୍ରକଳ୍ପ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସରସତିଆ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ଅଳ୍ପ ଦିନ ପରେ ଏହା ଅଚଳ ହୋଇପଡିଛି। ବାରମ୍ବାର ଦାବି ସତ୍ତ୍ୱେ ଏହାର ମରାମତି କରା ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀମାନେ ଉଦାସୀନ ରହୁଥିବାରୁ କୋଟିଏ ଟଙ୍କାର ପ୍ରକଳ୍ପ କୌଣସି କାମରେ ଆସୁ ନ ଥିବାରୁ ଲୋକେ ପୂର୍ବଭଳି ଜଳକଷ୍ଟର ଶିକାର ହେଉଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି ଯେ, ପିଇବା ପାଣି ଟୋପାଏ ପାଇଁ ଗ୍ରାମର ୫ଶହରୁ ଊର୍ଦ୍ଧ୍ୱ ଲୋକ ୫ବର୍ଷ ହେଲା ଚାତକ ପରି ଚାହିଁ ରହିଛନ୍ତି । ତୁରନ୍ତ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରା ନଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମର କମଳାକାନ୍ତ ରଣା,ପ୍ରଶାନ୍ତ ସାହୁ, ରମାକାନ୍ତ ବେହେରା,ଅକ୍ଷୟ ସାହୁ,ନରେନ୍ଦ୍ର ସାହୁ,ବାବାଜୀ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ପ୍ରକଳ୍ପ ଅଚଳ ହେବା ଘଟଣାର ତଦନ୍ତ କରି ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ୨୦୧୫-୧୬ ମସିହାରେ ସରସ୍ୱତିଆ ସମେତ ସାହାପୁର ବାରିକସାହି ଗ୍ରାମର ହାରାହାରି ୨ଶହ ପରିବାରକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ୧କୋଟି ୧୧ଲକ୍ଷ ଟଙ୍କା ବ୍ୟୟରେ ସରସତିଆ ଗ୍ରାମରେ ଏହି ପ୍ରକଳ୍ପ କରାଯାଇଥିଲା । ଏଥିରେ ୧ଲକ୍ଷ ଲିଟର ପାଣି ସଂରକ୍ଷଣ ଲାଗି ଟାଙ୍କି ନିର୍ମାଣ ନିର୍ମାଣ ଆରମ୍ଭ କରାଯାଇଥିଲା। ଗ୍ରାମବାସୀ ଜଳକଷ୍ଟରୁ ରକ୍ଷା ପାଇବେ ବୋଲି ଆଶା ବାନ୍ଧିଥିଲେ। ପ୍ରକଳ୍ପ ନିର୍ମାଣ କାମ ବିଳମ୍ବିତ ହୋଇ ୨ବର୍ଷରୁ ଅଧିକ ସମୟ ଲାଗିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି କିଛି ଦିନପାଇଁ କାର୍ଯ୍ୟବନ୍ଦ ରଖିଥିଲେ । ପରେ ଯନ୍ତ୍ରୀମାନଙ୍କ ହସ୍ତକ୍ଷେପରେ ଠିକାଦାର ତୁରନ୍ତ କାର୍ଯ୍ୟସାରିବାର ପ୍ରତିଶ୍ରୁତି ଦେବାରୁ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ୧ମାସ ନ ପୂରୁଣୁ ପାଇପ ଫାଟି ନଷ୍ଟ ହେବା ସହ ପ୍ରକଳ୍ପ ମେଶିନ ଅକାମୀ ହୋଇ ପଡିଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ଗ୍ରାମବାସୀ ଭୋଟ ବର୍ଜନପାଇଁ ଚେତାବନୀ ଦେବାରୁ ଭୋଟ ଶେଷ ହେବାଯାଏଁ ଠିକଠାକ ପାଣି ଆସିଥିଲା । ମାତ୍ର ୧୦ଦିନ ଯାଇନି ପ୍ରକଳ୍ପ ପୁଣି ଅଚଳ ହୋଇ ପଡିଲା । ସେବେଠାରୁ ପାଇପ ପାଣି ମିଳିବା ଆଶା ଦିନକୁ ଦିନ ମଉଳିବାରେ ଲାଗିଛି । ପ୍ରକଳ୍ପ କାର୍ଯ୍ୟ ସରିବାର ଅବଧି ଠାରୁ ୫ବର୍ଷ ଯାଏଁ ମରାମତି କାମ ଠିକା ସଂସ୍ଥା ଦ୍ୱାରା କରାଯିବାର ନିୟମ ଥିଲେ ମଧ୍ୟ ଏଠି କାହାରି ଦେଖାଦର୍ଶନ ମିଳୁ ନ ଥିବା ଗ୍ରାମର ପ୍ରଶାନ୍ତ ସାହୁ ଅଭିଯୋଗ କରିଛନ୍ତି । ଠିକାସଂସ୍ଥା ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁ ନ ଥିବା କମଳାକାନ୍ତ ରଣା କହିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ରୌପ୍ୟ ରଞ୍ଜନ ବେହେରାଙ୍କୁ ପଚାରିବାରୁ ଘଯଣା ଅନୁଧ୍ୟାନ କରି ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଅକାମୀ ହୋଇ ରହିଥିବା ସରସତିଆ ପାଣି ପ୍ରକଳ୍ପ।

## ସଂକ୍ଷେପରେ

### ଫାଣ୍ଡି ସାମ୍ନାରେ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ୍

**ବାହାନଗା, ୧୮।୯ (ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ଜଣେ ଯୁବକଙ୍କୁ ଗୋଡାଇ ଗୋଡାଇ ମାଡ ମାରିବା ସହିତ ଫାଣ୍ଡି ସାମ୍ନାରେ ମରଣାନ୍ତକ ଆକ୍ରମଣ କରି ତାଙ୍କ ବେକରୁ ସୁନା ଅଳଙ୍କାର ଛଡାଇନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହେବା ପରେ ଖନ୍ତାପଡା ଥାନା ପୋଲିସ ଏକ ମାମଲା (ନଂ. ୨୮୯/୧୯) ରୁଜୁ କରି ତଦନ୍ତ କରୁଛି । ମଙ୍ଗଳବାର ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଆପିତ୍ରା ଗ୍ରାମର ହରିହର ଓଝା ଗୋପାଳପୁର ବଜାରକୁ ସଉଦା କରିବା ପାଇଁ ଆସିଥିଲେ। କୌଣସି କାରଣ ନଥାଇ ୧୦ ରୁ ୧୫ ଜଣ ଯୁବକ ଏକାସଙ୍ଗେ ହରିହରଙ୍କୁ ଆକ୍ରମଣ କରିଥିଲେ । ସେ ଜୀବନ ବିକଳରେ ବଜାରର ଜଣେ ଔଷଧ ଦୋକାନ ଭିତରକୁ ପଶିଯାଇଥିଲେ । ଆକ୍ରମଣକାରୀମାନେ ତାଙ୍କୁ ଘୋଷାରି ଆଣି ଆକ୍ରମଣ କରିବା ସହ ବେକରେ ପିନ୍ଧିଥିବା ଅଳଙ୍କାର ଛଡାଇ ନେଇଥିଲେ। ପରେ ହରିହର ଓ ତାଙ୍କ ବଡଭାଇ ପ୍ରତାପ ଚନ୍ଦ୍ର ଓଝା ଙ୍କ ସହିତ ଗୋପାଳପୁର ଫାଣ୍ଡିକୁ ଅଭିଯୋଗ କରିବା ପାଇଁ ଯିବା ବେଳେ ସେହି ଯୁବକ ମାନେ ପୁନର୍ବାର ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଏବାବଦରେ ହରିହର ଓଝାଙ୍କ ପତ୍ନୀ କୁମୁଦିନୀ ଓଝା ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଥିବା କହିଛି।

### ଟୋଲ୍‌ପ୍ଲାଜାକୁ ଧକ୍କା ଦେଇ ଜଳିଗଲା ଟ୍ରକ୍

**ବସ୍ତା, ୧୮।୯(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ସନ୍ତୋଷପୁର ପରିତ୍ୟକ୍ତ ଟୋଲପ୍ଲାଜା ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ଟ୍ରକରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଆରଜେ -୪୭-ଜିଏ-୧୬୪୨ନମ୍ବର ବିଶିଷ୍ଟ ଏହି ୨୨ଚକିଆ ଟ୍ରକ ଭାରସାମ୍ୟ ହରାଇ ଟୋଲପ୍ଲାଜାକୁ ଧକ୍କା ଦେଇଥିଲା । ଫଳରେ ଗାଡିର ଡିଜେଲ ଟାଙ୍କି ଫାଟିଯାଇ ଟ୍ରକରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର ଓ ହେଲପର ଗାଡିରୁ ବାହାରି ଆସି ଅଳ୍ପକେ ବର୍ତ୍ତି ଯାଇଥିଲେ । ଟ୍ରକଟି ହୁତୁ ହୁତୁ ହୋଇ ଜଳିବା ଦେଖି ଲୋକେ ବସ୍ତା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଖବର ପାଇ ଦମକଳ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଦୁଇଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଟ୍ରକରେ କୌଣସି ସାମଗ୍ରୀ ନ ଥିଲା।

### ପୋଖରୀରେ ପଡ଼ି ଶିଶୁ ମୃତ

**ସୋର, ୧୮।୯(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଖରାସାହାପୁର ପଞ୍ଚାୟତ ରମଦା ଗ୍ରାମରେ ବୁଧବାର ଜଣେ ଶିଶୁ ପୋଖରୀରେ ପଡି ମୃତ୍ୟୁବରଣ କରିଛି। ଗ୍ରାମର ଅଜୟ ମହାଳିକଙ୍କ ଏକମାତ୍ର ପୁତ୍ର ଅଭିଜିତ୍(୪) ଘର ନିକଟରେ ଖେଳୁଥିବା ବେଳେ ପାଖରେ ଥିବା ପୋଖରୀରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସଙ୍କଟାପନ୍ନ ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧୀନ ଥିବା ଅବସ୍ଥାରେ ଅଭିଜିତଙ୍କ ମୃତ୍ୟୁ ଘଟିଥିଲା । ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛି।

### ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ଗ୍ରାମବାସୀ

**ଭଦ୍ରକ ଅଫିସ, ୧୮।୯:** ଭଦ୍ରକ ବ୍ଲକ ବନ୍ଧଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅବ୍ୟବସ୍ଥା ଓ ଅନିୟମିତତା ନେଇ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଏପରି କି ଜଣେ ଠିକାଦାରଙ୍କୁ ଅନୁକମ୍ପା ଦେଖାଇ ସ୍କୁଲ ଜମିରୁ ମାଟି ବିକ୍ରି କରାଯାଇଥିବା ନେଇ ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଭିଜିଲାନ୍ସକୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରଧାନଶିକ୍ଷକ ସମ୍ପୃକ୍ତ ଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଶିକ୍ଷା କମିଟି ଗଠନ ସମ୍ପର୍କରେ ଅଡୁଆ ସ୍ଥିତି ଲାଗି ରହିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ନୃସିଂହ ମିଶ୍ରଙ୍କୁ ପଚାରିବାରୁ ଶିକ୍ଷା କମିଟିର କେତେକ ସଭ୍ୟଙ୍କୁ ନ ଜଣାଇ ଠିକାଦାରଙ୍କ ମାଧମରେ ମାଟି ଉଠାଇ ନିଆଯିବା ଘଟଣାକୁ ସ୍ୱୀକାର କରିଛନ୍ତି।

# କଲିକତା ମଦ ବାଲେଶ୍ୱରରେ ବିକ୍ରି

**ବାଲେଶ୍ୱର ଅଫିସ,୧୮।୯**



ମଦ ସହ ୪ ଗିରଫ ଅଭିଯୁକ୍ତ।

ପଶ୍ଚିମବଙ୍ଗ କଲିକତାରୁ ବିପୁଳ ପରିମାଣର ମଦ ଚୋରାରେ ଅଣାଯାଇ ବାଲେଶ୍ୱର ଜିଲାରେ ବିକ୍ରି କରାଯାଉଛି। ଏଭଳି ସୁଚନାକୁ ଆଧାର କରି ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ବୁଧବାର ପୂର୍ବାହ୍ନରେ ସଦର ଓ ଚାନ୍ଦିପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୭.୬୨ଲିଟର ବିଦେଶୀ ମଦ, ୫୩.୭ଲିଟର ବିଅର, ୪୦ଲିଟର ଦେଶୀ ମଦ ଜବତ କରିବା ସହ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଜିଲା ଅବକାରୀ ଅଧିକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନ ୮ଟା ସମୟରେ ସଦର ଥାନା ଅଧୀନ ସଇପୁର ଗ୍ରାମର ମହେଶ୍ୱର ସେଠୀ (୪୦)ଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ ୧୫ଲିଟର ଦେଶୀ ମଦ ଜବତ ସହ ମହେଶ୍ୱରଙ୍କୁ ଗିରଫ କରାଯାଇଥିଲା। ପରେ ଇଞ୍ଜୁଡ଼ିଆ ଗ୍ରାମର ବାଙ୍କୁ ଦଳେଇ (୩୦)ଙ୍କ ଘର ପାଖ ଦୋକାନ ଉପରେ ଚଢ଼ାଉ କରାଯାଇ ୧୯ଲିଟର ଦେଶୀ ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା। ଚାନ୍ଦିପୁର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ମାଳତୀ ସିଂ (୩୨)ଙ୍କ ଘରେ ଚଢ଼ାଉ କରାଯାଇ ୬ଲିଟର ଦେଶୀ ମଦ ଜବତ କରିବା ସହ ଗିରଫ କରାଯାଇଥିଲା। ସେହିପରି ପଶ୍ଚିମବଙ୍ଗର ବିଦେଶୀ ମଦ ବେଆଇନ୍ ଭାବେ ବିକ୍ରି କରୁଥିବା ନିଧିପଡ଼ା ଗ୍ରାମର ସନାତନ ମଣ୍ଡଳ (୩୦)ଙ୍କ ଘରେ ଚଢ଼ାଉ ହୋଇଥିଲା। ତାଙ୍କ ଠାରୁ ପଶ୍ଚିମବଙ୍ଗର ବିଦେଶୀ ମଦ ହ୍ୱିସ୍କି

**ବିପୁଳ ମଦ ଜବତ ସହ ୪ ଗିରଫ**

୭୫୦ ଏମ୍.ଏଲ୍‌ର ୩୦ଟି ବୋତଲ, ରମ୍ ୭ଟି ବୋତଲ, ବିୟର ୬୫୦ ଏମ୍.ଏଲ୍‌ର ୩୫ ବୋତଲ, ଟିନ୍ ବିୟର ୫୦୦ ଏମ୍.ଏଲ୍‌ର ୩୫ଟି ବୋତଲ ସହିତ ଓଡ଼ିଶାର ବିଦେଶୀ ମଦ ୯.୮୭ ଲିଟର ମୋଟ୍ ୩୭.୬୨ ଲିଟର ବିଦେଶୀ ମଦ ଏବଂ ୫୩.୭ ଲିଟର ବିୟର ଜବତ ହୋଇଥିଲା। ଏନେଇ ଭ୍ରାମ୍ୟମାଣ ଅବକାରୀ ଥାନାରେ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ଟିମ୍‌ରେ ସହ ଉପନିରୀକ୍ଷକ ଚନ୍ଦ୍ର ମୋହନ ସେଠି, କନଷ୍ଟେବଳ ପ୍ରହ୍ଲାଦ ବିଶ୍ୱାଳ, ସେକ୍ କଲିମ୍‌ଉଦ୍ଦିନ, ସନ୍ତୋଷ ବେହେରା, ଅଞ୍ଜନ କୁମାର ଜେନା, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

# କଲ୍ୟାଣ ମଣ୍ଡପ ପାଇଁ ଟଙ୍କା ଆସିଛି, ହେଉନି କାମ

**ବାଲେଶ୍ୱର ଅଫିସ,୧୮।୯**

ବାଲେଶ୍ୱର ସଦର ବ୍ଲକ ପାତ୍ରପଡ଼ା ପଞ୍ଚାୟତରେ ପ୍ରସ୍ତାବିତ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟକୁ ବ୍ଲକର ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୮ ଡିସେମ୍ବର ୩୦ତାରିଖରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗର ସହସଚିବ ଅମରେନ୍ଦ୍ର ନାଥ ସାହୁ ବିଭାଗୀୟ ଚିଠି (ନଂ. ୨୦୬୮)ରେ ବାଲେଶ୍ୱର ଜିଲାର ୫ଟି କଲ୍ୟାଣମଣ୍ଡପ ନିର୍ମାଣ ଲାଗି ୩ଜିଲା ପଞ୍ଚାୟତ ଅଧିକାରୀ ଓ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ସଦର ବ୍ଲକରେ ୨ଟି ପ୍ରକଳ୍ପ ଏବଂ ବସ୍ତା ବ୍ଲକଲାଗି ୩ ପ୍ରକଳ୍ପ ମଞ୍ଜୁର ହୋଇଥିଲା । ଏଥିପାଇଁ ପ୍ରତ୍ୟେକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ଲାଗି ୧୦ଲକ୍ଷ ଟଙ୍କା ବିଭାଗୀୟ ଅଧିକାରୀ ନିକଟସ୍ଥ ବ୍ୟାଙ୍କକୁ ପଠାଇଥିଲେ। ଚାନ୍ଦିପୁରର ଚମ୍ପକେଶ୍ୱର ମହାଦେବ ମନ୍ଦିର ପରିସରରେ ୧ମାସ ପୂର୍ବରୁ ସଦର ବ୍ଲକର ଅତିରିକ୍ତ ସହକାରୀ ଯନ୍ତ୍ରୀ ସ୍ଥାନ ନିରୂପଣ କରି ସେଠାରେ କାର୍ଯ୍ୟାରମ୍ଭ ଲାଗି ପଦକ୍ଷେପ ଗ୍ରହଣ କରିଥିବା ବେଳେ ପାତ୍ରପଡ଼ା ଠାରେ ପ୍ରସ୍ତାବିତ କଲ୍ୟାଣମଣ୍ଡପ ଲାଗି କୌଣସି କାମ ଆରମ୍ଭ ହୋଇ ନାହିଁ । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଚନ୍ଦ୍ରଶେଖର ହୋତା, ପ୍ରଣବ ପଣ୍ଡା, ଅଭୟ ଦାସ ପ୍ରମୁଖ ଗତ ୭ ତାରିଖରେ ସଦର ବିଡିଓ ଶଙ୍କର୍ଷଣ ବେହେରାଙ୍କୁ ସାକ୍ଷାତକରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ଲିଖିତ ଭାବେ ଜଣାଇଥିଲେ । ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ପାତ୍ରପଡାରେ କଲ୍ୟାଣମଣ୍ଡପ ହେଲେ ପାତ୍ରପଡ଼ା ସମେତ ସୁନହଟ୍, ମୁଲାନଗର, ଆଳଦିଆ, ରଣସାହି, ଝଗଡ଼ପାଡ଼ି, ତପସୀ, ହିଡ଼ିଙ୍ଗା, ପୁରୁଣାବାଲେଶ୍ୱର ଅଞ୍ଚଳବାସୀ ବିବାହ, ବ୍ରତ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟ ସୁବିଧାରେ କରିପାରିବେ। ଏ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରୁ ପାତ୍ରପଡ଼ାରେ ନିର୍ମାଣ କାର୍ଯ୍ୟ ପାଇଁ ପଞ୍ଚାୟତ ସମିତିର ପ୍ରସ୍ତାବ ମିଳି ନ ଥିବାରୁ କାର୍ଯ୍ୟାରମ୍ଭରେ ବିଳମ୍ବ ଘଟିଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ପରେ ଜିପିଓଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସେବା ସପ୍ତାହରେ ସଫେଇ



ଭଣ୍ଡାରିପୋଖରୀ ଡାକ୍ତରଖାନାରେ ସଫେଇ କରାଯାଉଛି।

**ଭଣ୍ଡାରିପୋଖରୀ, ୧୮।୯ (ଡି.ଏନ.ଏ.):** ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ଅବସରରେ ବୁଧବାର ବ୍ଲକର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ ସହ ଏହା ପରିସରରେ କର୍ମୀମାନେ ସଫେଇ କରିଥିଲେ । ଭଦ୍ରକ ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ମହାପାତ୍ର, ରବିନାରାୟଣ ସାହୁ, ପ୍ରକାଶ ମହାପାତ୍ର, ଜୟସ୍ମିତା ଗୋଚ୍ଛାୟତ, ସନ୍ତୋଷ ସାହୁ, ପ୍ରଭାତ ରାଉତ, ଦେବାଶିଷ ମହାପାତ୍ର, ମଦନ ସାହୁ ଓ ଶିବାନନ୍ଦ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଷୋଳମପୁର ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ବିଶ୍ୱମ୍ଭର ରାଉତଙ୍କ ସଞ୍ଚାଳନାରେ ଜଳର ସଂରକ୍ଷଣ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ମଞ୍ଜୁରିରୋଡସ୍ଥିତ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟ ତପନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ଇନ୍ଦୁମତୀ ଜେନା ଛାତ୍ରୀଛାତ୍ରଙ୍କୁ ଶପଥ କରାଇଥିଲେ। ଜଳ ସଂରକ୍ଷଣର ଆବଶ୍ୟକତା ଓ ପ୍ଲାଷ୍ଟିକର ଅପକାରିତା ସମ୍ପର୍କରେ ଜିଲା ସଭାପତି ଧଳ, ପ୍ରଦୀପ ସାହୁ, ଅଜୟ ପାତ୍ର, ପ୍ରଦ୍ୟୁମ୍ନ ସେନାପତି, ଦୁଷ୍ମନ୍ତ ଜେନା ପ୍ରମୁଖ ସଚେତନ କରାଇଥିଲେ।

# ଆବାସ ଯୋଜନାରେ ଅନିୟମିତତା

**ତିହିଡ଼ି,୧୮।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେବାରୁ ଝିଙ୍କିରିଆ ଗ୍ରାମର ସାବିତ୍ରୀ ମହାଲିକ ନାମ୍ନୀ ଜଣେ ମହିଳା ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗର ଏସ୍‌ପି, ଡିଏସ୍‌ପିଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଡାକ ଯୋଗେ ଅଭିଯୋଗ ପତ୍ର ପଠାଇଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ପଞ୍ଚାୟତରେ ଥିଲାବାଲା ଲୋକଙ୍କୁ ଆବାସ ଯୋଜନାରେ ଘର ପ୍ରଦାନ କରାଯାଉଥିବା ବେଳେ ଗରିବ ଲୋକଙ୍କୁ ଉପେକ୍ଷା କରାଯାଉଛି। ପୂର୍ବରୁ ଏ ନେଇ ସେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଇନ୍ଦିରା ଆବାସ ପାଇଥିବା ହିତାଧିକାରୀଙ୍କୁ ମଧ୍ୟ ଏଠାରେ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯିବା ସହ ଗୋଟିଏ ଗୋଟିଏ ପରିବାରର ଦୁଇଜଣଙ୍କୁ ଯୋଜନାରେ ସାମିଲ କରାଯାଇଛି। ତାଲିକାଭୁକ୍ତ ହୋଇଥିବା ଜଣେ ହିତାଧିକାରୀ ପଞ୍ଚାୟତର ବାସିନ୍ଦା ହୋଇ ନ ଥିବା କୁହାଯାଉଛି। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ପଚାରିବାରୁ କହିଛନ୍ତି, ତାଙ୍କ ନିକଟରେ ଏଭଳି ଅନିୟମିତତା ନେଇ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ‘ଲେଖିବା ଆସ’ କବିତା ଆସର



‘ଲେଖିବା ଆସ’ କବିତା ଆସର କାର୍ଯ୍ୟକ୍ରମରେ ଉପସ୍ଥିତ କବି, ଲେଖକ, ପ୍ରାବନ୍ଧିକ।

**ବାଲେଶ୍ୱର ଅଫିସ,୧୮।୯**

**ଯୋଗଦେଲେ ୧୦୦ରୁ ଅଧିକ କବି**

ଗ୍ରାମାଞ୍ଚଳରେ ଥିବା ସାହିତ୍ୟିକ ଓ କବିଙ୍କୁ ପ୍ରୋତ୍ସାହିତ କରି ଆଗକୁ ଆଣିବା ସହ ଲୋକଙ୍କ ମନରେ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗଠିତ ବାଲେଶ୍ୱର ଜିଲା ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ‘ଲେଖିବା ଆସ’ କବିତା ଆସର ଅନୁଷ୍ଠିତ ହୋଇଥିଲା। ଶାନ୍ତିକାନନ ସ୍ଥିତ ସଂସ୍କୃତିଭବନରେ ଆୟୋଜିତ ଏହି ଆସରରେ ୧୨ଟି ବ୍ଲକରୁ ୧୦୦ରୁ ଉର୍ଦ୍ଧ୍ୱ କବି, ଲେଖକ, ପ୍ରାବନ୍ଧିକ ଯୋଗଦେଇଥିଲେ। ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷାର ପ୍ରଗତି ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ସେ କବିମାନଙ୍କୁ ନିବେଦନ କରିବା ସହ ସମନ୍ୱୟ ସାମ୍ମୁଖ୍ୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଆୟୋଜିତ ସାରସତ୍ୱ କବିତା ପାଠ ଉତ୍ସବରେ ଅନୁଷ୍ଠାନର ରାଜ୍ୟ ଆବାହକ ରବି ନାରାୟଣ ନନ୍ଦ ସଭାପତିତ୍ୱ କରିଥିଲେ। ଜିଲା ସଂଯୋଜକ ଶ୍ରଦ୍ଧାଞ୍ଜଳି ରାୟ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ବିମଳ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାହିତ୍ୟିକ ଶିଶିର ଜେନା, ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଜିଲା ସଂଯୋଜକ ଜ୍ୟୋତି ପ୍ରକାଶ ବାରିକ, ବରଗଡ଼ ଓ ସମ୍ବଲପୁର ଜିଲା ସଂଯୋଜକ ସରୋଜ ଭୂୟାଁ ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ କବି, ଲେଖକ, ପ୍ରାବନ୍ଧିକମାନଙ୍କୁ ଅନୁଷ୍ଠାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚାଇଥିଲେ। ପ୍ରଥମଥର କରି ଏଭଳି କାର୍ଯ୍ୟକ୍ରମ ବାଲେଶ୍ୱରରେ ଆୟୋଜନ ହୋଇଥିବାରୁ ଉପସ୍ଥିତ କବିମାନେ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ।

# ପୁରାତନ ଛାତ୍ର ସଂସଦ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବସ୍ତା, ୧୮।୯ (ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶମ୍ଭୁନାଥ ସରକାରୀ ହାଇସ୍କୁଲ ୭୫ବର୍ଷ ପୂରଣ କରିଥିବାରୁ ଏହାର ପ୍ଲାଟିନମ ଜୟନ୍ତୀ ପାଳନ କରାଯିବ। ଏହି ଉପଲକ୍ଷେ ପୁରାତନ ଛାତ୍ର ସଂସଦର ଏକ କାର୍ଯ୍ୟାଳୟ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ୧୯୪୪ ମସିହାରେ ସ୍ଥାପିତ ଏହିଶିକ୍ଷାନୁଷ୍ଠାନ ଆସନ୍ତା ୨୦୨୦ ଏପ୍ରିଲ ପ୍ରଥମ ସପ୍ତାହରେ ଏହି ଜୟନ୍ତୀ ପାଳନ କରିବ। ଏଥିରେ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିବା ନିମନ୍ତେ ଆହ୍ୱାନ କରାଯାଇଥିଲା। ବୈଠକରେ ସରପଞ୍ଚ ଅନିଲ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ଗୁପ୍ତା, ଶଙ୍କର କୁମାର କର, ମନୋଜ କୁମାର ମହାନ୍ତି, ସମିତିସଭ୍ୟ ରବୀନ୍ଦ୍ର କୁମାର ଦାସ, ଅକ୍ଷୟ କୁମାର ବେହେରା, ପ୍ରତ୍ୟୁଷ ରଞ୍ଜନ ବେହେରା, ଦେବାଶିଷ ପ୍ରଧାନ, ରଞ୍ଜନ କୁମାର ପାଲ, ଦେବେନ୍ଦ୍ର ନାୟକଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ ।

# ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

**ରସାଲପୁର,୧୮।୯(ଡି.ଏନ.ଏ.)**



ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା।

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ସାରଗାଁ ପଞ୍ଚାୟତ ଖେରଣା ଗ୍ରାମରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଏବଂ ଉପଜିଲାପାଳଙ୍କ ଆଦେଶ ପୂର୍ତ୍ତବିଭାଗର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ବ୍ରହ୍ମାନନ୍ଦ ସାମଲ, ପରବାସିଆ ମଢ଼େଇ, ଅନ୍ତର୍ଯ୍ୟାମୀ ପଣ୍ଡା ଓ ବୁଧିରାମ ଦାସ ଜବରଦଖଲ କରିଥିବା ଜମିକୁ ଅରଇନ ଅନୁଯାୟୀ ଉଚ୍ଛେଦ କରାଯାଛି। ଜନୈକା ମହିଳା ୨୦୧୮ରେ ଏ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଉକ୍ତ ମାମଲାର ବିଚାର କରି ହାଇକୋର୍ଟ ଗତ ମାର୍ଚ୍ଚ ୨୫ ତାରିଖରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲ କର୍ତ୍ତୃପକ୍ଷ ଜାଗା ଛାଡିବାକୁ କହିଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ସରକାରୀ ଜମିରୁ ହଟି ନଥିଲେ। ଘଟଣାକ୍ରମରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ମଧ୍ୟାହ୍ନରେ ସଦର ତହସିଲଦାର ପଞ୍ଚାନନ ଦାସ ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ରହି ସରକାରୀ ଜମିରୁ ୪ଜଣ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିଥିଲେ। ଅତିରିକ୍ତ ତହସିଲଦାରଙ୍କ ସମେତ ସାରଗାଁ ଆର୍‌ଆଇ ଦିପ୍ତିମୟୀ ବେହେରା, ଓ ତହସିଲର ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ନାୟକ ଏବଂ ଗ୍ରାମବାସୀ ପ୍ରତିକ୍ରିୟାରେ କହିଛନ୍ତିଯେ, ସାରଗାଁ ପଞ୍ଚାୟତରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ଶତାଧିକ ଏକର ସରକାରୀ ଜମି ଜବରଦଖଲ କରିଥିଲେ ମଧ୍ୟ ତାହାକୁ ଜିଲାପ୍ରଶାସନ ଏବଂ ସଦର ତହସିଲୁ ଉଚ୍ଛେଦ କରୁ ନାହାନ୍ତି। କେବଳ ଗରିବ ଲୋକଙ୍କୁ ଉଚ୍ଛେଦ କରାଯାଉଛି।

# ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଲାଗି ଶପଥ ନେଲେ ଭାଜପା କର୍ମକର୍ତ୍ତା

**ବାଲେଶ୍ୱର ଅଫିସ,୧୮।୯:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମଦିନ ପାଳନ ଉପଲକ୍ଷେ ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ମଙ୍ଗଳବାରଠାରୁ ସେବା ସପ୍ତାହ ପାଳନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ସେବା ସପ୍ତାହ ଅବସରରେ ଜିଲାର ବିଭିନ୍ନ କାର୍ଯ୍ୟକ୍ରମ ଦଳ ପକ୍ଷରୁ ହାତକୁ ନିଆଯାଇଛି। ମଙ୍ଗଳବାର ମହିଳା ମୋର୍ଚ୍ଚା ପକ୍ଷରୁ କାଳୀ ମନ୍ଦିର ପ୍ରାଙ୍ଗଣରେ ୬୯ ଦୀପ ପ୍ରଜ୍ୱଳନ କରାଯାଇ ମୋଦିଙ୍କ ଦୀର୍ଘ ଓ ସୁସ୍ଥ ଜୀବନ କାମନା କରି ପୂଜାର୍ଚ୍ଚନା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପ୍ଲାଷ୍ଟିକ ବସ୍ତୁ ବ୍ୟବହାର ନ କରି ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ କରିବା ଏବଂ ଜଳକୁ ଅପବ୍ୟବହାର ନ କରି ସଂରକ୍ଷଣ କରିବା ଲାଗି କାର୍ଯ୍ୟକର୍ତ୍ତାମାନେ ଶପଥ ନେଇଥିଲେ। ସେବା ସପ୍ତାହର ଜିଲା ସଂଯୋଜକ ଗୌରାଙ୍ଗ ଦାସ, ଜିଲା ଉପସଭାପତି ଗଙ୍ଗାଧର ରାଉତ ଓ ପର୍ଶୁରାମ ବେହେରା, ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ରବିନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିବିଧ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସେହିପରି ରେମୁଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭାଜପା ପକ୍ଷରୁ ଫଳ, କ୍ଷୀର, ପାଉଁରୁଟି, କଦଳୀ, ବିସ୍କୁଟ ବଣ୍ଟନ କରାଯାଇଥିଲା। ମୋତିଗଞ୍ଜ ବଣିଆ ମନ୍ଦିର ସ୍ଥିତ ‘ପ୍ରୟାସ’ ଦୃଷ୍ଟିହୀନ ବିଦ୍ୟାଳୟର ଦିବ୍ୟାଙ୍ଗ ପିଲାମାନଙ୍କୁ ଚକୋଲେଟ୍, ବିସ୍କୁଟ ବଣ୍ଟନ କରାଯାଇଥିଲା। ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ଭାଜପା ସମ୍ପାଦିକା ଶୋଭନା ମହାନ୍ତି, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ କମଳା ବିନ୍ଧାଣୀ, ଜିଲାପରିଷଦ ସୁଧାଂଶୁ ପଣ୍ଡା, ବିପିନ ମାରାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟରେ ପୋଷାକ ବିତରଣ

ପାଟଣା,୧୮।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ୨ହଳ ଲେଖାଏ ସ୍କୁଲ ୟୁନିଫର୍ମ ସହ ହଳେ ଜୋତା ଯୋଗାଇ ଦିଆଯାଇଛି। ଆୟୋଜିତ ପୋଷାକ ବିତରଣ ଉତ୍ସବ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା କମଳାକାନ୍ତ ପତି, ଶିକ୍ଷକ ପ୍ରକାଶ ମିଶ୍ର, କୃପାସିନ୍ଧୁ ସାହୁ ଓ ଶିକ୍ଷୟିତ୍ରୀ ସୁନୀତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଭାଗବତ ଆଲୋଚନା

କେନ୍ଦୁଝର, ୧୮।୯ (ସ୍ୱ.ପ୍ର.)- ହରିଚନ୍ଦନପୁର ବ୍ଲକ ପିଟାପିଟି ଗ୍ରାମରେ ଏକ ଭାଗବତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ଭାଗବତପ୍ରେମୀ ଯୋଗଦେଇ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଉମାକାନ୍ତ ନାଏକ, ବ୍ଲକର ମୁଖ୍ୟ କିରାଥି ଶର୍ମିଷ୍ଠା ମହାନ୍ତି, ନିରାକାର ସାହୁ, ଶ୍ୟାମ ସୁନ୍ଦର ମହାନ୍ତ, ଚିନ୍ତାମଣି ସାହୁଙ୍କ ସମେତ ବହୁ ମହିଳାପୁରୁଷ ଯୋଗଦେଇ ଭାଗବତ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ।

### ସ୍ୱଚ୍ଛତା ପକ୍ଷ ପାଳିଲେ ଓଏବି ଛାତ୍ରୀଛାତ୍ର

ଚମ୍ପୁଆ, ୧୮।୯(ଡି.ଏନ.ଏ)- ଚଳିତ ମାସ ୧୫ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଚାଲୁରହିଛି। ଏହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବାକୁ ଛାତ୍ରୀଛାତ୍ରମାନେ ଆଗେଇ ଆସିଛନ୍ତି। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ବୁଧବାର ଚମ୍ପୁଆ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ସମ୍ବନ୍ଧିତ ସ୍ଲୋଗାନ ଦେଇ ଛାତ୍ରୀଛାତ୍ରଙ୍କ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ସହର ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଜୟନ୍ତ କୁମାର ନାଏକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ତିହିଡ଼ି, ୧୮।୯ (ଡି.ଏନ.ଏ.) - ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣଙ୍କ ବୁଧବାର ତିହିଡ଼ି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଯୁବତୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ଗାଁରେ ଏକ ଦୋକାନ କରି ପରିବାର ଚଳାଉଥିଲେ। ବର୍ଷକ ପୂର୍ବେ ଉକ୍ତ ଗ୍ରାମର ଜଣେ ଅଟୋ ଚାଳକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଟୋ ଚାଳକ ବିବାହ କରିବାର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ସେ ଗର୍ଭବତୀ ହୋଇଥିବା ଜାଣି ଅଟୋ ଚାଳକ ଗାଁ ଛାଡ଼ି କେରଳ ଚାଲିଯାଇଥିଲେ। ଯୁବତୀଙ୍କ ପରିବାର ଲୋକେ ଗ୍ରାମର କେତେକ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଯୁବକଙ୍କୁ ଗାଁକୁ ଡକାଇବାକୁ ତାଙ୍କ ପରିବାରକୁ କହିଥିଲେ। ମାତ୍ର ଯୁବକଙ୍କ ପରିବାର ଏଥିରେ ରାଜି ନ ହେବାରୁ ସେ ନିରୂପାୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

ବନ୍ତ, ୧୮।୯ (ଡି.ଏନ.ଏ.): ବନ୍ତ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ୨୫ଟି ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷ ଦେବେନ୍ଦ୍ର କୁମାର ଜେନା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ଜିପିଇଓ ନିଶିକାନ୍ତ ଖୁଣ୍ଟିଆ ଓ ଟିଲୋ ସରପଞ୍ଚ ନିହାରିକା ରାଉତ ଉପସ୍ଥିତ ଥିଲେ।

# ଉତ୍ସବମୁଖର ଓଳଗ ଗାଁ

- ୫ ଦିନ ଧରି ଦେବଶିଳ୍ପୀଙ୍କୁ ଆରାଧନା
- ଭାଇଚାରା ସୃଷ୍ଟି କରେ ପୂଜା
- ରାତିରେ ଶୁଭୁଛି ନିହାଣ ହାତୁଡ଼ି ଶବ୍ଦ

ଆରଡ଼ି, ୧୮।୯ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ଗାଁ ବିଶ୍ୱକର୍ମା ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଆକର୍ଷଣୀୟ ତୋରଣ ସହିତ ସୁସଜ୍ଜିତ ପୂଜା ମଣ୍ଡପରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଦର୍ଶନ କରିବାକୁ ପାଖ ଗାଁରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଶନିବାର ଶେଷ ହେବ। ପୂଜା ପାଇଁ ୫ ଦିନ ଧରି ଗାଁ ଚଳଚଞ୍ଚଳ ହୋଇଉଠେ। ପ୍ରଥମ ଦିନରେ ଘଟ ଉତ୍ତୋଳନ ସହ ଦେବଶିଳ୍ପୀଙ୍କୁ ଆରାଧନା କରାଯାଇଥିଲା। ବୁଧବାରଠାରୁ ଘରେ ଘରେ ହେବ ପିଠାପଣାର ଆୟୋଜନ। ପ୍ରତିବର୍ଷ ପରି ଚଳିତବର୍ଷ ସନ୍ଧ୍ୟାରେ ଆରିସା କାକରା, ଘିଅ ପିଠା, କ୍ଷିରୀ, ପୁରି, ମାଲପୁଆ, ରସାବଳି ସାଙ୍ଗକୁ ଭଳିକି ଭଳି ମିଠା ନିଜ ପଡ଼ୋଶୀଙ୍କ ବ୍ୟତୀତ ଆଖପାଖ ଗାଁ ଲୋକଙ୍କୁ ପରସାଯିବ। ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ ସହ ପାଲା ଆଦି ପାରମ୍ପରିକ ଲୋକକଳାକୁ ବଜାୟ ରଖିବା ପାଇଁ କାର୍ଯ୍ୟକ୍ରମ ରହିଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।


ମଣ୍ଡପରେ ପୂଜା ପାଉଥିବା ଦେବଶିଳ୍ପୀଙ୍କ ମୃଣ୍ମୟ ମୂର୍ତ୍ତି।

ଗାଁ ଲୋକଙ୍କ କହିବା ଅନୁଯାୟୀ, ଏଠାରେ ୩୦ ସୂତାର ପରିବାର ବସବାସ କରୁଛନ୍ତି। ପ୍ରାୟ ୩୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗାଁରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ପୂଜକ ଭାବେ ପଣ୍ଡିତ ଅନୀଲ କୁମାର ପଣ୍ଡା ଓ ସୁନୀଲ କୁମାର ପଣ୍ଡା ପୂଜା କାର୍ଯ୍ୟ ତୁଲାଉଛନ୍ତି। ସକାଳୁ ମଙ୍ଗଳ ଆଳତି ପରଠାରୁ ଏହି ୨ ପଣ୍ଡିତ ପୁରାଣ ପାଠ କରୁଛନ୍ତି। ପ୍ରତିଦିନ ଘୃତାହୂତି ସହ ନାନା ପୂଜାକର୍ମ ହେଉଛି। ସେମାନଙ୍କ ମନ୍ତ୍ର ଧ୍ୱନିରେ ଗାଁ ମୁଖରିତ ହୋଇଉଠୁଛି। ବିଶ୍ୱକର୍ମା ପୂଜାକୁ ନେଇ ଗାଁରେ ରହିଛି ଅନେକ କିମ୍ବଦନ୍ତୀ। ପୂଜା ମଣ୍ଡପରେ ମୂର୍ତ୍ତି ତିଆରି କରି ଆରାଧନା କରିବାକୁ ପ୍ରଭୁ ସ୍ୱପ୍ନାଦେଶ ଦେଇଥିଲେ। ସେହିଦିନଠୁ ବର୍ଷବର୍ଷ ଧରି ଏହି ପୂଜା ଆୟୋଜନ କରାଯାଇ ଆସୁଛି। ଗାଁରେ ବିଶ୍ୱକର୍ମା ପୂଜାଠାରୁ ୧୫ ଦିନ ପର୍ଯ୍ୟନ୍ତ ନିସ୍ତବ୍ଧ ରାତିରେ ନିହାଣ ହାତୁଡ଼ିର ଶବ୍ଦ ଶୁଣିବାକୁ ମିଳେ। ଏହା ପ୍ରତିବର୍ଷ ଶୁଣାଯାଏ ବୋଲି ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶ୍ୱମ୍ବର ସୂତାର କହନ୍ତି। ଭାଇଚାରା ସୃଷ୍ଟି କରିବାରେ ବିଶ୍ୱକର୍ମା ପୂଜା ସହାୟକ ହୁଏ ବୋଲି ପୂର୍ବତନ ସରପଞ୍ଚ କିଶୋର ନାୟକ କହିଛନ୍ତି।


କୁଳେଇପଦାରେ ତହସିଲ କର୍ମଚାରୀମାନେ ସୀମା ନିର୍ଦ୍ଧାରଣ କରୁଛନ୍ତି।

# ସାଇନ୍ସ ପାର୍କ ଲାଗି ସୀମା ନିର୍ଦ୍ଧାରଣ

ଆରଡି, ୧୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତ କୁଳେଇପଦାଠାରେ ନିର୍ମାଣ ହେବାକୁ ଥିବା ସାଇନ୍ସ ପାର୍କ କାର୍ଯ୍ୟ ଆରମ୍ଭ ହେବାର ସଂକେତ ମିଳିଛି। ପାର୍କ ନିର୍ମାଣ ପାଇଁ ସୀମା ନିର୍ଦ୍ଧାରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଅପରାହ୍ନରେ ଚାନ୍ଦବାଲି ତହସିଲଦାରଙ୍କ ଉପସ୍ଥିତିରେ ତହସିଲ କର୍ମଚାରୀମାନେ ସୀମା ନିର୍ଦ୍ଧାରଣ ପୂର୍ବକ ଅସ୍ଥାୟୀ ଭାବେ ବାଉଁଶ ପୋତିଛନ୍ତି। ଆରଡ଼ି ଆର୍‌ଆଇ ଦେବାଶିଷ ରାୟ କୁଳେଇପଦା ଗ୍ରାମର ପରେଶ ବିଶ୍ୱାଳ, ଦୁଃଶାସନ ଖଟୁଆ, ପୂର୍ଣ୍ଣଶୋଲ୍କ ବିଶ୍ୱାଳ ଓ ଅନ୍ୟ କେତେକ ବ୍ୟକ୍ତିଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ନିକଟରେ ସେହି ଗ୍ରାମର ଅଧିକ ବ୍ୟକ୍ତିଙ୍କ ଉପସ୍ଥିତିରେ ଶେଷ ସୀମା ନିର୍ଦ୍ଧାରଣ କରାଯିବ ବୋଲି ଆର୍‌ଆଇ ରାୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଆସିଥିବା ବିଭାଗୀୟ ବିଶେଷଜ୍ଞ ଟିମ୍‌ର ସୂଚନା ଅନୁଯାୟୀ ସର୍ଭେର ଦେଢ଼ ମାସ ମଧ୍ୟରେ ସାଇନ୍ସ ପାର୍କ ନିର୍ମାଣ ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ସୀମା ନିର୍ଦ୍ଧାରଣର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟ ସରୁ ନ ଥିବାରୁ କାମ ଆରମ୍ଭ ହୋଇପାରି ନାହିଁ। ତେବେ ଜିଲା ପ୍ରଶାସନ ଏ ନେଇ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଡ୍ରେନ୍ ନିର୍ମାଣ ନ ହୋଇ ଟଙ୍କା ଉଠାଣ

# ଅଭିଯୋଗ ପରେ କ୍ଷେତ୍ରୀୟ ତଦନ୍ତ

ଚାନ୍ଦବାଲି, ୧୮।୯ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ନୂଆଗାଁ ପଞ୍ଚାୟତରେ ଡ୍ରେନ୍ ନିର୍ମାଣ ହୋଇ ନ ଥିବା ବେଳେ ଏ ନେଇ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଉଠାଣ କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ବୁଧବାର ମଧ୍ୟାହ୍ନରେ କାଗଜପତ୍ର ତନଖି ସହ ନିର୍ମାଣ ସ୍ଥଳ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି। ବ୍ଲକ ପକ୍ଷରୁ ବୁଧବାର ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନାମରେ ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉଲ୍ଲେଖନୀୟ ଯେ, ସମ୍ପୃକ୍ତ ପଞ୍ଚାୟତର ସିଏଫ୍‌ସି ପ୍ରକଳ୍ପରେ ହଟପୁର ଗ୍ରାମର ଜଗବନ୍ଧୁ ନାୟକଙ୍କ ଘରଠାରୁ ବଣିଆ ଗୋହିରି ନାଳ ପର୍ଯ୍ୟନ୍ତ କଂକ୍ରିଟ ଡ୍ରେନ୍ ତିଆରି ପାଇଁ ଅଢ଼େଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାର ନିର୍ମାଣ କାମ କରା ନ ଯାଇ ଗତ ଫେବୃୟାରୀ ୫ରେ ବାଂଶଡ଼ାର ଏକ ବ୍ୟାଙ୍କ ଶାଖାରୁ ସମସ୍ତ ଟଙ୍କା ଉଠାଣ କରାଯାଇଛି। ନିର୍ମାଣରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ଏ ନେଇ ଖୋଳତାଡ଼ କରିବା ସହ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ବ୍ଲକ ଏବଂ ଡିଆର୍‌ଡିଏ ପକ୍ଷରୁ ଏହାର ତଦନ୍ତ ଓ ପଞ୍ଚାୟତର କାଗଜପତ୍ର ଯାଞ୍ଚ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିଥିଲା। ଏହାପରେ ତରବରିଆ ଭାବେ ଡ୍ରେନ୍ ନିର୍ମାଣ ଆରମ୍ଭ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇ ନ ଥିବା ଦେଖିବାକୁ ମିଳିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପିଡି ରାଜେନ୍ଦ୍ର ପଣ୍ଡା, ନିର୍ବାହୀ ଯନ୍ତ୍ରୀ ରତିକାନ୍ତ ମାହୁନ୍ତ ପ୍ରମୁଖ ବ୍ଲକର ବିଭିନ୍ନ କାଗଜପତ୍ର ଯାଞ୍ଚ ପରେ ନୂଆଗାଁର ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ଏହି ପଞ୍ଚାୟତରେ ଅନ୍ୟ କେତେକ ଯୋଜନାରେ ହେରଫେର କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି।


ଅଧିକାରୀମାନେ ତଦନ୍ତ କରୁଛନ୍ତି।

### ପୁରୁଣାବଜାର ଲାଠିଚାର୍ଜ, ପଥରମାଡ଼ ଘଟଣା

# ୨୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା

ଭଦ୍ରକ ଅଫିସ, ୧୮।୯

ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ସୋମବାର ରାତିରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଇ ପୁରୁଣାବଜାର ଥାନା ପୋଲିସ ଲୋକଙ୍କ ରୋଷର ଶିକାର ହୋଇଥିଲା। ଲୋକଙ୍କୁ ଘଉଡ଼ାଇବାକୁ ପୋଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଥିଲା। ଅନ୍ୟପକ୍ଷେ ଲୋକେ ମଧ୍ୟ ପୋଲିସ ଉପରକୁ ପଥରମାଡ଼ କରିଥିଲେ। ଏହି ଘଟଣାରେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଥାନାଧିକାରୀ ପ୍ରଜ୍ଞା ମହାନ୍ତିଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି, ଏଏସ୍‌ଆଇ ଦିଲ୍ଲୀପ ପାତ୍ର ଓ କନଷ୍ଟେବଲ ରୂପରଞ୍ଜନ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ପୋଲିସ ଉପରକୁ ପଥରମାଡ଼ ଘଟଣା ନେଇ ପୂର୍ବତନ ପୁରୁଣାବଜାର ଥାନାଧିକାରୀ ମହାନ୍ତି ଜଣେ ଦୋକାନୀ ସମେତ ୨୫୦ରୁ ୩୦୦ ଲୋକଙ୍କ ବିରୋଧରେ ଥାନାରେ ଏତଲା ଦାଏର କରିଛନ୍ତି। ଏନେଇ ପୁରୁଣାବଜାର ଥାନାରେ ମାମଲା(ନଂ.୧୭୩/୧୯) ରୁଜୁ ହୋଇଛି। ପୋଲିସ ଓ ପୋଲିସ ଗାଡ଼ି ଉପରକୁ ପଥରମାଡ଼ରେ କେତେକ କର୍ମଚାରୀ ଆହତ ହୋଇଥିବା ଏତଲାରେ ଦର୍ଶାଯାଇଛି। ନୂତନ ଥାନାଧିକାରୀ ରତିକାନ୍ତ ଗିରି ସେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଥାନାରେ ମାମଲା ରୁଜୁ ହୋଇଛି। ତେବେ ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଉତ୍ତେଜନାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ ଅଫିସ, ୧୮।୯

ଭଦ୍ରକ ସହର ପୁରୁଣାବଜାରରେ ଲାଠିଚାର୍ଜ ଘଟଣାକୁ ନେଇ ଗତ ତିନିଦିନ ଧରି ଉତ୍ତେଜନା ଲାଗି ରହିଛି। ପୋଲିସ ସ୍ଥିତି ନିୟନ୍ତ୍ରଣାଧୀନ ଥିବା କହୁଥିଲେ ମଧ୍ୟ ଉତ୍ତେଜନା ରହିଥିବା ନେଇ ଚର୍ଚ୍ଚା ହେଉଛି। ଏହି ଘଟଣାରେ ଦୋଷୀମାନଙ୍କୁ ଗିରଫ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଭଦ୍ରକ ସହରର ବୁଦ୍ଧିଜୀବୀ, ବିଭିନ୍ନ ଆଧ୍ୟାତ୍ମିକ ସଙ୍ଗଠନର ମୁଖ୍ୟ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଏ ନେଇ ଅସନ୍ତୋଷ ବ୍ୟକ୍ତ କରି ବୁଧବାର ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଥାନା ଘେରାଉ, ପଥରମାଡ଼, ରାସ୍ତା ଅବରୋଧକାରୀ ଓ ସହରରେ ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ବିଜୟ ସିହ୍ନା, ପ୍ରଦ୍ୟୁମ୍ନ ଶତପଥୀ, ବଜରଙ୍ଗ ଦଳର ସ୍ୱାଧୀନ ସୁନ୍ଦର ଦାସ, ଭାଗବତ ବାରିକ, ନିରଞ୍ଜନ ସାହୁ, କୈଳାସ ଦାସ, ପୁନିଲ ସାମଲ, ଦେବାଶିଷ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଓ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଭେଟି ସହରରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଛନ୍ତି। ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା, ପୋଲିସ ମହାନିର୍ଦ୍ଦେଶକ ଓ ଉପ-ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସରପଦାରେ ହେବ ମିନିଷ୍ଟାଡିୟମ୍


ସରପଦାରେ କ୍ଷେତ୍ର ପରିଦର୍ଶନ ବେଳେ ଆଲୋଚନା।

ଭଣ୍ଡାରିପୋଖରୀ, ୧୮।୯ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ସରପଦା ସ୍କୁଲ ପଡ଼ିଆରେ ମିନିଷ୍ଟାଡିୟମ୍ ନିର୍ମାଣ ସକାଶେ ଅଢ଼େଇ ଏକର ଜମି ନିରୂପଣ କରାଯାଇଛି। ବୁଧବାର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣିତକାନ୍ତ ସାମଲ କ୍ଷେତ୍ର ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଏମ୍‌ପି ଓ ସ୍ଥାନୀୟ ବିଧାୟକଙ୍କ ହାତପାଣ୍ଠିରୁ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଆସନ୍ତା ଦୁର୍ଗାପୂଜାଠାରୁ ମିନିଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ, ବସନ୍ତ ରାଉତ, ପ୍ରଭାକର ରାଉତ, ରାଜେଶ ବାରିକ, ଲକ୍ଷ୍ମୀକାନ୍ତ ସାହୁ, ଶୋଭନ ସାହୁ ଓ ବାବୁଲା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ବାହିନୀ ଦ୍ୱାରା ଚାରାରୋପଣ

ଭଦ୍ରକ ଅଫିସ, ୧୮।୯

ଭଦ୍ରକ ବ୍ଲକ ରାହାଞ୍ଜ ପଞ୍ଚାୟତର ବିଜୁ ଯୁବ ବାହିନୀ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀର ପ୍ରତ୍ୟେକ ସଭ୍ୟ ସେମାନଙ୍କ ଘର ଓ ଗାଁ ଲୋକଙ୍କ ଘର ପରିସରରେ ୨ଟି ଲେଖାଏ ଗଛ ଲଗାଇଥିଲେ। ଅଧିକରୁ ଅଧିକ ଗଛ କିପରି ବଞ୍ଚି ରହିବ ସେଥିପାଇଁ 'ବୃକ୍ଷବନ୍ଧୁ' ମଧ୍ୟ ଚୟନ କରାଯାଇଥିଲା। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ସ୍କୁଲଗୁଡ଼ିକରେ ଚାରାରୋପଣ କରାଯାଇଥିଲା।

## ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପ୍ରଶିକ୍ଷଣ

ଭଣ୍ଡାରିପୋଖରୀ, ୧୮।୯ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର-୨୦୧୯ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ ଓ ଏବିଇଓ ପୁରୁଷୋତ୍ତମ ଧଳ ଯୋଗଦେଇ ପ୍ରତ୍ୟେକ ବିଦ୍ୟାଳୟ ସ୍ୱଚ୍ଛତା ପୁରସ୍କାର ପାଇଁ ଅନ୍‌ଲାଇନରେ ଆସନ୍ତା ଅକ୍ଟୋବର ୧୪ ମଧ୍ୟରେ ଆବେଦନ କରିବାକୁ କହିଥିଲେ। ଏଥିସହ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଜଳ ଉତ୍ସ, ଶୌଚାଳୟ ଓ ହାତଧୁଆ ସାବୁନର ବ୍ୟବହାର ଦକ୍ଷତା ଉପରେ ପର୍ଯ୍ୟବସିତ ମନୋନୟନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏମ୍‌ଆଇଏସ୍ କୋଅର୍ଡିନେଟର୍ ଆଲୋକ ବିଶ୍ୱାଳ ସଂକ୍ଷିପ୍ତ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷକ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆର୍‌ସିସିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସମବାୟ ସମିତିରେ ଅଚଳାବସ୍ଥା ଜାରି

ଭଣ୍ଡାରିପୋଖରୀ, ୧୮।୯ (ଡି.ଏନ.ଏ.)

ଧାନ ବିକା ପାଉଣା ପାଇ ନ ଥିବାରୁ ଚାଷୀମାନେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ଅଧୀନ ସରସଦା ପ୍ରାଥମିକ କୃଷି ସେବା ସମବାୟ ସମିତି ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ସମିତି ଫାଟକରୁ ତାଲା ଖୋଲାଯାଇ ନାହିଁ। ଫଳରେ ଏହି ସମିତିରେ ଅଚଳାବସ୍ଥା ଦେଖାଦେଇଛି। ସମିତିରେ ନେଣଦେଣ ସହିତ ସମବାୟ ନିର୍ବାଚନ ପାଇଁ ପ୍ରସ୍ତୁତିରେ ବାଧାପ୍ରାପ୍ତ ଏବଂ ଆଗାମୀ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିବାରେ ବାଧା ଉପୁଜିଛି। ଏଯାଏ ଜିଲା ଯୋଗାଣ ଓ ସମବାୟ ବିଭାଗର ଉଚ୍ଚ ପଦାଧିକାରୀ ସମସ୍ୟାର ସମାଧାନ ଦିଗରେ ଚାଷୀମାନଙ୍କ ସହ ଆଲୋଚନା କରୁ ନ ଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଏ ସମ୍ପର୍କରେ ସରସଦା ସମବାୟ ସମିତି ସମ୍ପାଦକ ଅଜୟ ବେହେରା କହିଛନ୍ତି, କେତେକ ସମିତି ସଭାପତି ଧାନ ବିକ୍ରି ଟଙ୍କା ପାଇ ନ ଥିବା ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଗୁରୁବାର ଏହାର ସମାଧାନର ସୂତ୍ର ବାହାରିଯିବ। ଚାଷୀମାନଙ୍କୁ ବୁଝାଯିବା ପରେ ଗୁରୁବାର ସମିତିରୁ ତାଲା ଖୋଲିବାକୁ ରାଜି ହୋଇଥିବା ସେ କହିଛନ୍ତି।

### ନବନିର୍ମାଣ କୃଷକ ସଙ୍ଗଠନର ଚାଷୀ ସମାବେଶ

# ନ୍ୟାଯ୍ୟ ଦାବି ହାସଲ ଲାଗି ସଙ୍ଗଠିତ ହୁଅ

ତିହିଡ଼ି, ୧୮।୯ (ଡି.ଏନ.ଏ.)

ଚାଷୀ ସବୁଠୁ ଅଧିକ ନିଷ୍ପେଷିତ ଓ ନିର୍ଯାତିତ। ନେତାମାନେ ଭୋଟ ହାତେଇବା ପରେ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ୟବସ୍ଥାର ପରିବର୍ତ୍ତନ କରି ଚାଷୀଙ୍କୁ ସଜାଗ କରିବାର ଆବଶ୍ୟକତା ରହିଛି ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ଅନୁଷ୍ଠିତ ଚାଷୀ ସମାବେଶରେ ମତପ୍ରକାଶ ପାଇଥିଲା। ତିହିଡ଼ିସ୍ଥିତ ଦିନ୍‌ଦୟାଲ ଭବନରେ ଆୟୋଜିତ ସମାବେଶରେ ବୋଡ଼କ ଶାଖା ସଂଯୋଜକ ଜୟପ୍ରକାଶ ମଳିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଯୋଜକ ଉମାକାନ୍ତ ଭାରତୀ ଯୋଗଦେଇ ଚାଷୀ ସଙ୍ଗଠିତ ହେଲେ ସେମାନଙ୍କ ନ୍ୟାଯ୍ୟ ଦାବି ହାସଲ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଭାପତି ତ୍ରିଲୋଚନ ପଣ୍ଡା ଯୋଗଦେଇ କାଳିଆ ଯୋଜନାରେ ପ୍ରକୃତ ଚାଷୀ ଉପକୃତ ହୋଇପାରି ନ ଥିବା ଅଭିଯୋଗ ଉଠାଇଥିଲେ। ଜିଲା ସଂଯୋଜକ ସତ୍ୟରଞ୍ଜନ ନାୟକ, ଧାମନଗର ସଂଯୋଜକ ପୀତବାସ ମହାନ୍ତି, ତିହିଡ଼ି ଉପଦେଷ୍ଟା ନୀଳମାଧବ ସେନାପତି, ସଭାପତି ଗଗନ ବିହାରୀ ମହାନ୍ତି ଓ ହୃଦାନନ୍ଦ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଅବହେଳା ଯୋଗୁ ଚାଷ ଓ ଚାଷୀଙ୍କ ଉନ୍ନତି ହୋଇପାରୁ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ବିଷ୍ଣୁମୋହନ ପଲାଇ, ପି. ହୃଷୀକେଶ, ବାଇଧର ସାହୁ, ବିଷ୍ଣୁମୋହନ ମଳିକ, ଗଣେଶ ମଳିକ, ରମାକାନ୍ତ ନାୟକ, ଭାସ୍କର ମାଝି, ବିମଳା ଦାସ, ଲକ୍ଷ୍ମୀପ୍ରିୟା ପଣ୍ଡା ଓ ମନୋରମା କର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଙ୍ଗଠନର ତିହିଡ଼ି ଶାଖା କମିଟି ସଭାପତି ରୂପେ ଗଗନ ବିହାରୀ ମହାନ୍ତି, ଉପସଭାପତି ଜୟପ୍ରକାଶ ମଳିକ ଏବଂ ଉପଦେଷ୍ଟା ଭାବେ ବଳରାମ ମଳିକ ଓ ନୀଳମାଧବ ସେନାପତିଙ୍କୁ ମନୋନୀତ କରାଯାଇଥିଲା।



ସମାବେଶରେ ସଙ୍ଗଠନର ଜିଲା ସଭାପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଡାକ୍ତରଙ୍କୁ ଆକ୍ରମଣ, ଜଣେ ଗିରଫ

କେନ୍ଦୁଝର, ୧୮।୯ (ସ୍ୱ.ପ୍ର)- ମାଇନିଂ ରୋଡ ନିକଟ ଗାୟତ୍ରୀ ମନ୍ଦିର ରାସ୍ତାରେ ଥିବା ଏକ ଚକ୍ଷୁ ଚିକିତ୍ସାଳୟରେ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିବା ଘଟଣାରେ ଟାଉନ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ବଜରଙ୍ଗୀ ଦାସଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ଥିବା ଜଣାପଡିଛି। କିଛିଦିନ ତଳେ ସେ ତାଙ୍କ ସାଙ୍ଗ ମାନଙ୍କ ସହିତ ଉକ୍ତ କ୍ଲିନିକ ଉପରେ ଆକ୍ରମଣ କରିଥିବା ଟାଉନଥାନା ପୋଲିସ ଅଧିକାରୀ ସୋମନାଥ ଜେନା କହିଛନ୍ତି। ଅନ୍ୟମାନଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଛି ।

### ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଝୁମ୍ପୁରା, ୧୮।୯ (ଡି.ଏନ.ଏ.)- ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ଝୁମ୍ପୁରା ପୂର୍ତ୍ତ ବିଭାଗ ରାସ୍ତାର ବଡ଼ବନ୍ଧ ନିକଟରେ ବୁଧବାର ମଧାହ୍ନରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଗୁରୁତର ହୋଇ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଦ୍ରୁତ ବାଇକ ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟୁଥିଲେ ହେଁ ପୋଲିସର ତାଗିଦ ସତ୍ତ୍ୱେ ବାଇକ ଚାଳକ ମାନୁନାହାନ୍ତି। ଝୁମ୍ପୁରା ପୋଲିସ ଦୁର୍ଘଟଣାସ୍ଥଳରୁ ବାଇକ ଦ୍ୱୟରୁ ଗୋଟିଏ ବାଇକ୍‌କୁ ଜବତ କରିଛି। ଅନ୍ୟ ଆରୋହୀ ବାଇକକୁ ନେଇ ଫେରାର ହୋଇଯାଇଥିବା ପୋଲିସ ପ୍ରକାଶ କରିଛି।

### ବାଇକ୍ ଚୋର ଗିରଫ

ପାଟଣା,୧୮।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ବାଇକ ଚୋରି ଅଭିଯୋଗରେ ବେଜୁ ପୂର୍ତ୍ତାର ନାମକ ଜଣେ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ମଧୁପୁର ଗ୍ରାମରେ। ସୂଚନା ଅନୁଯାୟୀ ବେଜୁ ମଙ୍ଗଳବାର ଟେଣ୍ଡେରା ଗ୍ରାମରୁ ଏକ ବାଇକ ଚୋରି କରିନେଇ ଯାଉଥିବା ବେଳ ଖଜୁରିଡିହା ଛକ ନିକଟରେ ଲୋକେ ତାଙ୍କୁ କାବୁ କରି ପାଟଣା ଥାନାରେ ଜିମା ଦେଇଥିଲେ। ଏଏସଆଇ ସୁଧାଂଶୁ ଶେଖର ଜେନା ପାଟଣା ଥାନାରେ ଏକ ମାମଲା (ନଂ.୧୨୪/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି।

### ୧୩୮ ରେଗୁଲାର ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ

ଚମ୍ପୁଆ,୧୮।୯(ଡି.ଏନ.ଏ.)- ଚମ୍ପୁଆ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଠାରେ ୧୩୮ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଚମ୍ପୁଆ ବ୍ଲକର ୧୩ ଗୋଟି କ୍ଲଷ୍ଟର ୨୦୧୧ ମସିହାରେ ରେଗୁଲାର ହୋଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ ଏହି ଯାଞ୍ଚର ସମ୍ମୁଖୀନ ହେବେ ବୋଲି ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଏହି ଯାଞ୍ଚ ପ୍ରକ୍ରିୟାରେ ଶିକ୍ଷକମାନଙ୍କ ପୂର୍ବ ଓ ବର୍ତ୍ତମାନର ଜାତି ପ୍ରମାଣ ପତ୍ର, କୋର୍ଟ ଆଫିଡାଭିଟ,ଏଚଏସସି ସାର୍ଟିଫିକେଟ, ମାର୍କଶିଟ, ଯୁକ୍ତ୨ ମାର୍କଶିଟ, ସିଟି, ବିଏଡ ସାର୍ଟିଫିକେଟ, ମାଇଗ୍ରେଶନ ସାର୍ଟିଫିକେଟ, ଉଚ୍ଚଶିକ୍ଷା ଗ୍ରହଣ କରିଥିବା ଶିକ୍ଷକଙ୍କ ଏନଓସି ଆଦି ଯାଞ୍ଚ କରାଯିବ ବୋଲି ଜଣାପଡିଛି।

### ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ଅନୁଷ୍ଠିତ

ତେଲକୋଇ, ୧୮।୯(ଡି.ଏନ.ଏ.)- ତେଲକୋଇ ବଜାର ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । ବିଭିନ୍ନ ପୂଜା ମଣ୍ଡପରେ ଅନ୍ନଭୋଗ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଭକ୍ତ ମାନଙ୍କ ଭିଡ ଜମିବାରେ ଲାଗିଛି। ବିଦ୍ୟୁତ ବିଭାଗର ଗ୍ରୀଡଷ୍ଟେସନ ସମେତ କ୍ଷୁଦ୍ରଜଳ ସେଚନ ବିଭାଗ, ଗ୍ରାମ୍ୟ ଓ ଗୃହ ନିର୍ମାଣ ବିଭାଗ, ଟ୍ରକ ମାଲିକ ସଂଘ, ଡ୍ରାଇଭର ସଂଘ ପକ୍ଷରୁ ପୂଜା ପାଇଁ ବ୍ୟାପକ ଯୋଜନା କରାଯାଇଛି । ସନ୍ଧ୍ୟା ସମୟରେ ଭଜନ ପ୍ରତିଯୋଗିତା ଓ ମେଲୋଡି ବ୍ୟବସ୍ଥା କରାଯାଇଛି। ଏନେଇ ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ହେବାରେ ଲାଗିଛି ।

କେନ୍ଦୁଝର, (ଡି.ଏନ.ଏ.): ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ପାଇଁ କେନ୍ଦୁଝର ସହର ଉତ୍ସବମୁଖର ହୋଇଉଠିଛି। କେନ୍ଦୁଝର ସହର ଉପକଣ୍ଠ ଜୁଡିଆଠାରେ ଥିବା ସାମଲ ଅଟୋ ଇଣ୍ଡିଆ ପ୍ରାଇଭେଟ ଲିଃରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ରଙ୍ଗିନ ଆଲୋକମାଳାରେ ସଜ୍ଜିତ ମେଢ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି। ଚଳିତ ବର୍ଷ ବେଶ ଉଚ୍ଚକୋଟୀର ତୋରଣରେ ସୁଶୋଭିତ ହୋଇଛି ପୂଜା ମଣ୍ଡପ।

# ସମସ୍ୟା ଘେରରେ ଯୋଡ଼ା କେନ୍ଦ୍ରୀୟ ଚିକିତ୍ସାଳୟ


କେନ୍ଦ୍ରୀୟ ଶ୍ରମ ମଙ୍ଗଳ କମିଶନର ମଞ୍ଜୁଲତା ବିଭିନ୍ନ ସମସ୍ୟା ସମୀକ୍ଷା କରିଛନ୍ତି।

- ସମୀକ୍ଷା କଲେ କେନ୍ଦ୍ରୀୟ ଶ୍ରମ ମଙ୍ଗଳ କମିଶନର
- କୋଟିଏ ଟଙ୍କା କେମିତି ଖର୍ଚ୍ଚା ହେଲା ବୁଝିଲେ

ଯୋଡ଼ା ୧୮।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ୧୯୭୮ ମସିହାରେ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସ୍ଥାପନ ହୋଇଥିବା ୫୦ ଶଯ୍ୟା ବିଶିଷ୍ଟ ଯୋଡା କେନ୍ଦ୍ରୀୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟାର ନିରାକରଣ ଓ ସ୍ଥାୟୀ ପ୍ରତିକାର ପାଇଁ କେନ୍ଦ୍ର ଶ୍ରମ ମଙ୍ଗଳ କମିଶନର ମଞ୍ଜୁଲତା ବେହେରା ଯୋଡା ଗସ୍ତରେ ଆସିଥିଲେ । ବୁଧବାର ଅପରାହ୍ନରେ କେନ୍ଦ୍ରୀୟ ଚିକିତ୍ସାଳୟର ଡା. ସୁକାନ୍ତ ଚନ୍ଦ୍ର ଦାସ, ବଡବିଲ୍‌ରେ ଅବସ୍ଥାପିତ ଶ୍ରମ ବିଭାଗର ୱେଲଫେୟାର କମିଶନର ଏମ.ଏ. ଖାନ୍ , ୱେଲଫେୟାର ଆଡମିନିଷ୍ଟ୍ରେଟର ମୁକ୍ତିପ୍ରଭା ସାହୁ ପ୍ରମୁଖଙ୍କ ସହିତ ଡାକ୍ତରଖାନାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଗଣମାଧ୍ୟମର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

ଡାକ୍ତରଖାନାର ଡାକ୍ତର ନିଯୁକ୍ତି, କର୍ମଚାରୀ ଅଭାବ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡାକ୍ତରଖାନାର ମରାମତି, ଡାକ୍ତରଖାନାର ବଜେଟ ବୃଦ୍ଧି, ବନ୍ଦ ରହିଥିବା ବ୍ଲଡ ବ୍ୟାଙ୍କକୁ କାର୍ଯ୍ୟକାରୀ କରିବା ପ୍ରଭୃତି ନିଜ ଉତ୍ତରରେ ବେହେରା କହିଥିଲେ। ଏ ସମସ୍ତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କର ଶ୍ରମ ମନ୍ତ୍ରଣାଳୟକୁ ଦିଆଯିବ କହିବା ସହିତ ଡାକ୍ତରଖାନା ପକ୍ଷରୁ ମୁଖ୍ୟ ଡାକ୍ତରଙ୍କୁ ଦିଆଯାଇଥିବା ୧କୋଟି ଟଙ୍କା ଖର୍ଚ୍ଚ ବଜେଟର ପ୍ରସ୍ତାବ ସମ୍ପର୍କରେ ସେ ସମୀକ୍ଷା କରିବା ପାଇଁ ଆସିଛନ୍ତି ବୋଲି ଖବରଦାତା ମାନଙ୍କୁ କହିଥିଲେ। ଡେପୁଟି କମିଶନର ଏମ. ଏ. ଖାନ କହିଥିଲେ ଯେ, ଏପ୍ରିଲ ମାସ ୨୦୧୬ ମସିହାଠାରୁ ଡାକ୍ତରଖାନାକୁ ମିଳୁଥିବା ଖଣିଜ ସେସ୍ ଟ୍ୟାକ୍ସ ସରକାର ଉଠାଇଦେବା ପରେ ଏହାର ବଜେଟ୍ କେନ୍ଦ୍ର ସରକାରଙ୍କର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଆସୁଛି। ତେବେ ଖୁବ୍ ଶୀଘ୍ର ଡାକ୍ତରଖାନାର ପୁନରୁଦ୍ଧାର କରାଯାଇ ଏହାକୁ ସୁପରିଚାଳିତ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଡାକ୍ତରଖାନାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଡାକ୍ତରଖାନାର ବହୁବିଦ୍ଧ ସମସ୍ୟା ଉପରେ ଧରିତ୍ରୀରେ ଶୀର୍ଷକ ‘କୋମାରେ ଯୋଡା କେନ୍ଦ୍ରୀୟ ଚିକିତ୍ସାଳୟ’ ପ୍ରକାଶିତ ହୋଇଥିଲା। ଏହି ଡାକ୍ତରଖାନାର ପୁନରୁଦ୍ଧାର ପାଇଁ ବିଭିନ୍ନ ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନ ମାନେ ଦାବି କରିଆସୁଛନ୍ତି। ମାତ୍ର କେନ୍ଦ୍ର ସରକାରଙ୍କ ଅବହେଳା ହେତୁ ଏହି ଡାକ୍ତରଖାନାଟି ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି ।

# କଟକଣା ସତ୍ତ୍ୱେ ବ୍ୟବହାର ହେଉଛି ପ୍ଲାଷ୍ଟିକ

**ଆବର୍ଜନାରେ ପଡିଆ ଭର୍ତ୍ତି**

କେନ୍ଦୁଝର, ୧୮।୯ (ସ୍ୱ.ପ୍ର.)


ପଡ଼ିଆରେ ବିଭିନ୍ନ ପ୍ଲାଷ୍ଟିକ୍ ଆବର୍ଜନା ଗଦା ହୋଇଛି।

ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ଉପରେ ଲଗାଯାଇଛି କଟକଣା। ଏହା ସତ୍ତ୍ୱେ କେନ୍ଦୁଝର ସହରରେ ପ୍ଲାଷ୍ଟିକର ବ୍ୟବହାର ବହୁଳମାତ୍ରାରେ ଚାଲିଥିଲେ ହେଁ ରୋକାଯାଇପାରୁ ନାହିଁ। ସଚେତନତା ସତ୍ତ୍ୱେ ଦୋକାନ ବଜାରଠାରୁ ଆରମ୍ଭ କରି ପ୍ରଦର୍ଶନୀ, ମେଳା ଆଦିରେ ପ୍ଲାଷ୍ଟିକର ବ୍ୟବହାରକୁ ନେଇ ପରିବେଶବିତ ମାନେ ଚିନ୍ତା ପ୍ରକଟ କରୁଛନ୍ତି। ଏଭଳି ଦୀର୍ଘ ପ୍ରାୟ ଏକ ସପ୍ତାହ ହେବ ସ୍ଥାନୀୟ କାଳୀ ପଡିଆରେ କୁଢ କୁଢ ପ୍ଲାଷ୍ଟିକ ଆବର୍ଜନା ପଡିରହିଥିଲେ ହେଁ ସଫେଇ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ସେଠାରେ ଚାଲିଥିବା ପ୍ରଦର୍ଶନୀ ଶେଷ ହେବା ପରେ ଏଭଳି ଅବସ୍ଥା ହୋଇଥିବା ଜଣାପଡିଛି। ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ବାସଗୃହ ଏହି ଅଞ୍ଚଳରେ ଥିବା ବେଳେ ପୌରପାଳିକା କାର୍ଯ୍ୟାଳୟ ରହିଛି। ଏହି ପ୍ଲାଷ୍ଟିକ ଆବର୍ଜନା ସଫେଇ ହେଉ ନ ଥିବାରୁ ପବନରେ ଉଡି ଏବଂ ବର୍ଷା ପାଣିରେ ଭାସି ଏଣେତେଣେ ପଡୁଥିବାରୁ ପରିବେଶ ଅଧିକ କ୍ଷତିଗ୍ରସ୍ତ ହେଉଛି । ଏଥିଲାଗି ଡ୍ରେନ ଜାମ ହେବା ସହ ଗୋରୁଗାଈ ଖାଉଥିବାରୁ ବିଭିନ୍ନ ରୋଗରେ ପଡୁଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ପଲିଥିନ ବ୍ୟାଗ ବର୍ଜନ ଲାଗି ସଚେତନତା


ପଲିଥିନ ବ୍ୟାଗ ବର୍ଜନ ଲାଗି ଶୋଭାଯାତ୍ରା କରାଯାଉଛି।

ବଡବିଲ, ୧୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରପରିଷଦ ତରଫରୁ ବୁଧବାର ପଲିଥିନ ବ୍ୟାଗ ବର୍ଜନ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଆହ୍ୱାନ କ୍ରମେ ପୌରପାରିଷଦ ତରଫରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସାମିଲ ହେବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସଂଗଠନ, ସାଂସ୍କୃତିକ ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଓ ବିଭିନ୍ନ କ୍ଲବ ଗୁଡିକୁ ଅନୁରୋଧ କରାଯାଇଥିଲା। ଶୋଭାଯାତ୍ରାରେ ତହସିଲଦାର କ୍ଷୀରୋଦ କୁମାର ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର ଓ ପ୍ରତାପ କିଶୋର ଦାସଙ୍କ ସହ ମହିଳାଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଥିଲା। ଏହି ଶୋଭାଯାତ୍ରା ବିକାଶମହଲ ଠାରୁ ବାହାରି ବଜାର-ଅଟଳଛକ ଦେଇ ସହର ପରିକ୍ରମା କରିଥିଲା। ଆଗାମୀ ଦିନରେ ପୌରପରିଷଦର କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଲୋକାଭିମୁଖୀ କାର୍ଯ୍ୟକ୍ରମ ହେଉ ଅଥବା ସଚେତନତା କାର୍ଯ୍ୟକ୍ରମ ହେଉ ତାହାର ପ୍ରଚାର ପ୍ରସାର ଦିଗରେ ଯତ୍ନବାନ ହେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ମରଣଯନ୍ତା

ଢେଙ୍କିକୋଟ, ୧୮।୯(ଡି.ଏନ୍.ଏ.)

ଢେଙ୍କିକୋଟ ହେଉଛି କେନ୍ଦୁଝର ଜିଲାର ମଧ୍ୟସ୍ଥଳ ତଥା ଜାତୀୟ ରାଜପଥ ୨୯ ନଂ ଏବଂ ଜାତୀୟ ରାଜପଥ-୨୨୦ନଂ ସଂଯୋଗସ୍ଥଳ। ଉଭୟ ଜାତୀୟ ରାଜପଥ ତଥା ଢେଙ୍କିକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ଲୋକେ ଢେଙ୍କିକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ରାସ୍ତା ଏକପ୍ରକାର ଶୋଚନୀୟ ହୋଇପଡ଼ିଛି। ଏଠାକୁ ପ୍ରତିଦିନ ଶତାଧିକ ରୋଗୀ ଆସି ଚିକିତ୍ସିତ ହୋଇଥାନ୍ତି। ରାଜ୍ୟ ସରକାର ଏଥିପାଇଁ ଏଠାରେ ଜନସାଧାରଣଙ୍କ ଉପକାର ନିମନ୍ତେ ଏକ ପରୀକ୍ଷା ଲ୍ୟାବ ଖୋଲି ଜଣେ ଦକ୍ଷ ଟେକ୍ନିସିଆନକୁ ନିଯୁକ୍ତି କରିଛନ୍ତି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ରାଜପଥ ୨୨୦ ନଂଠାରୁ ମାତ୍ର ୫୦୦ ମିଟର ଦୂରତା ମରଣଯନ୍ତା ପାଲଟିଛି। ଆଣ୍ଠୁଏ ଲେଖାଏଁ ଖାଲ ଖମା ଦେଇ ଯିବାକୁ ପଡୁଛି। ଯାହା ଫଳରେ ରୋଗୀ ଏହି ରାସ୍ତା ଦେଇ ଯିବାବେଳେ ବହୁ କଷ୍ଟ ପାଉଛନ୍ତି। ଏମିତିକି ଯନ୍ତ୍ରଣା କଷ୍ଟରେ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏଥିପ୍ରତି ସରକାର ଦୃଷ୍ଟିଦେଇ ଏହି ରାସ୍ତାକୁ ତୁରନ୍ତ ମରାମତି କରାଯିବା ପାଇଁ ଢେଙ୍କିକୋଟ ଅଞ୍ଚଳବାସୀ ଦାବି କରିଛନ୍ତି।

### ସବୁଠି ଦେବଶିଳ୍ପୀଙ୍କ ପୂଜା

ଝୁମ୍ପୁରା, ୧୮।୯ (ଡି.ଏନ.ଏ.)- ଝୁମ୍ପୁରା ବ୍ଲକର ବିଭିନ୍ନ ଅଞ୍ଚଳର ଗ୍ୟାରେଜ, ଯାନ୍ତ୍ରିକ ବ୍ୟବସାୟ ଅନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ୧୭ ତାରିଖ ଠାରୁ ପାଳିତ ହେଉଛି। ଗ୍ରାମ୍ୟ ପଡିଆ, ମନ୍ଦିର ପଡିଆଗୁଡିକରେ ଟ୍ରକ୍, ବସ୍, ଛୋଟବଡ଼ ଗାଡି ସବୁକୁ ଲାଇନରେ ଛିଡା କରାଯାଇ ପୂଜା କରାଯାଇଛି। କେତେକ ସ୍ଥାନରେ ବାବା ବିଶ୍ୱକର୍ମାଙ୍କର ପୂଜା ଗୋଟିଏ ଦିନ କରାଯାଇଥିବା ସ୍ଥଳେ, ମେଢ ପୂଜା କରାଯାଉଥିବା ସ୍ଥାନଗୁଡିକରେ ୩ଦିନ ପୂଜା ପାଳିତ ହେବ ବୋଲି ସୂଚନା ମିଳିଛି।

# କେନ୍ଦୁଝରରେ ମହିଳା, ଶିଶୁ ବିକାଶ ମନ୍ତ୍ରୀ


ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖୁଛନ୍ତି।

କେନ୍ଦୁଝର, ୧୮।୯ (ସ୍ୱ.ପ୍ର./ ଡି.ଏନ.ଏ.)

ଓଡିଶାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ବୁଧବାର କେନ୍ଦୁଝର ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଦରବାର ହଲଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଡିଏମଏଫ ଅନୁଦାନରେ ବାଂଶପାଳ ବ୍ଲକ ତଳ କଇଁସାରୀ ଗ୍ରାମରେ ସ୍ଥାପିତ କ୍ରେଚ ପରିଦର୍ଶନ କରିଥିଲେ। ଜିଲାରେ ଏଭଳି ଖଣିଖାଦନ ବହୁଳ ଯୋଡା, ବାଂଶପାଳ, ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ସମୁଦାୟ ୬୦ଟି କ୍ରେଚ ଖୋଲାଯାଇ ଶ୍ରମଜୀବୀ ତଥା ଖଣିଖାଦାନରେ କାମ କରୁଥିବା ମହିଳା ମାନଙ୍କ ଶିଶୁ ମାନଙ୍କୁ ରଖା ଯାଇ ସେମାନଙ୍କ ପ୍ରତି ନିଆ ଯାଉଥିବା ଯତ୍ନକୁ ଜାଣି ଖୁସିବ୍ୟକ୍ତ କରିଥିଲେ। ସଦର ବ୍ଲକ ଜଳବଙ୍ଗ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସେଠାରେ ପଢୁଥିବା ପିଲା ମାନଙ୍କୁ ଓଡିଆ ବର୍ଣ୍ଣମାଳା ପଚାରି ବୁଝିଥିଲେ । ସେଠାରେ ଉପସ୍ଥିତ ଗର୍ଭବତୀ ଓ ପ୍ରସୂତି ମହିଳା ମାନଙ୍କ ସହିତ ଆଲୋଚନା କରି ସୁବିଧା ଅସୁବିଧା ବୁଝିଥିଲେ। ଡିଏମଏଫ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ରକୁ ଧୂମ୍ରବିହୀନ ଚୁଲା, ପ୍ରେସର କୁକର ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମୁକୁନା ଗ୍ରାମରେ ଛତୁଆ ପ୍ରସ୍ତୁତ କେନ୍ଦ୍ର ମନ୍ତ୍ରୀ ପରିଦର୍ଶନ କରି ନିରୀକ୍ଷଣ କରିଥିଲେ। ଜିଲାପାଳ ଆଶୀଷ ଠାକରେ, ଜିଲା ସମାଜ ମଙ୍ଗଳ ଅଧିକାରୀ ମାନସୀ ରଥ, ପ୍ରୋଗ୍ରାମ ଅଫିସର ସତ୍ୟ ପ୍ରିୟଦର୍ଶିନୀ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ, ଯୁଗମ ସଚିବ ଗୀତାରାଣୀ ପଟ୍ଟନାୟକ, ବ୍ୟକ୍ତିଗତ ସଚିବ ପ୍ରମୋଦ କୁମାର ମିଶ୍ର ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଆଶୀଷ ଠାକରେ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ବିଧାୟକ ମୋହନ ମାଝୀ, ମୀନାକ୍ଷୀ ମହାନ୍ତ, ଭାଗିରଥୀ ସେଠୀ, ଜଗନାଥ ନାଏକଙ୍କ ସମେତ ପିଡି ଉଦ୍ଧବ ଚନ୍ଦ୍ର ମାଝୀ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମାନସୀ ରଥ ଉପସ୍ଥିତ ଥିଲେ। ଏହି ଅବସରରେ ଡିଏମଏଫ ଅନୁଦାନ ଓ ସରକାରଙ୍କ ଅନୁଦାନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା ପ୍ରତ୍ୟେକ ମାସ ୧ ତାରିଖରେ ହିତାଧିକାରୀଙ୍କୁ ଛତୁଆ ଯୋଗାଣ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

# ପିଣ୍ଡଦାନରୁ ଫେରୁଥିବାବେଳେ ଦୁର୍ଘଟଣା, ୨ ମୃତ

ଆନନ୍ଦପୁର, ୧୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ ଜାତୀୟ ରାଜପଥ ବୀରଗୋବିନ୍ଦପୁରଠାରେ ମଙ୍ଗଳବାର ରାତିରେ ଏକ ଟ୍ରାଭେଲର ଗାଡ଼ି ସହିତ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ମୃତ୍ୟୁବରଣ କରିଥିବାବେଳେ ୭ ଗୁରୁତର ଆହତ ହୋଇଛନ୍ତି। ମଧ୍ୟପ୍ରଦେଶ ଗୁନା ଅଞ୍ଚଳର ଗୋଟିଏ ପରିବାରର ୧୧ଜଣ ସଦସ୍ୟ ଏକ ଟ୍ରାଭେଲର ଗାଡ଼ି ଯୋଗେ ଗୟାକୁ ପିଣ୍ଡଦାନ କରିବାକୁ ଯାଇଥିଲେ। ସେମାନେ ୨୦ନଂ ଜାତୀୟ ରାଜପଥ ଦେଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଘସିପୁରା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଟ୍ରାଭେଲର ଗାଡ଼ିରେ ଥିବା ପରିବାରର ଅନ୍ୟ ୨ ସଦସ୍ୟ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ଟ୍ରାଭେଲର ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

# ଶିକ୍ଷୟିତ୍ରୀଙ୍କୁ ଚାପୁଡ଼ା ମାଡ଼ ଘଟଣାର ତଦନ୍ତ କଲେ ବିଇଓ

କେନ୍ଦୁଝର/ହାଟଡିହୀ, ୧୮।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ ପଞ୍ଚାୟତ କୁଶଟିକିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବା ନେଇ ବ୍ଲକ ଶିକ୍ଷାଧିକାରୀ (ବିଇଓ) କ୍ଷୀରୋଦ ତ୍ରିପାଠୀ ମଙ୍ଗଳବାର ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଶିକ୍ଷୟିତ୍ରୀଙ୍କୁ ଚାପୁଡ଼ା ମରାଯାଇଥିବା ଅଭିଯୋଗ ହୋଇଥିବାବେଳେ ପ୍ରଧାନଶିକ୍ଷକ ଏହାକୁ ଖଣ୍ଡନ କରିଛନ୍ତି। ତଦନ୍ତବେଳେ ସେ ଲିଖିତ ଭାବେ ଶିକ୍ଷା ଅଧିକାରୀଙ୍କୁ ଏହା ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରୁ କହିଛନ୍ତି, ମାଡ଼ ମରାଯିବା ଅଭିଯୋଗର ସତ୍ୟତା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଙ୍ଗଳବାର ସ୍କୁଲ ଆରମ୍ଭ ହେବାପରେ କେତେକ ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ଏଭଳି ଗଣ୍ଡଗୋଳ ଘଟିଥିଲା। ସୂଚନା ପାଇ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ଘଟଣା ବୁଝିଥିଲେ।

# ଯୋଡ଼ାରେ ନୂତନ ପାଠାଗାର ଲୋକାର୍ପିତ

ଯୋଡ଼ା, ୧୮।୯ (ଡି.ଏନ.ଏ.)

କେନ୍ଦୁଝର ଜିଲାର ଉପାନ୍ତ ଉପତ୍ୟକା ସହର ଯୋଡାରେ ଓଡିଆ ଭାଷାର ପ୍ରଚାର ପ୍ରସାର ପାଇଁ ଯୋଡା ପୌରପାଳିକା ପକ୍ଷରୁ ଏକ ବଳିଷ୍ଠ ପଦକ୍ଷେପ ନିଆଯାଇଛି । ଉପାନ୍ତ ଅଞ୍ଚଳରେ ଓଡିଆ ଭାଷାଭାଷୀମାନଙ୍କ ପାଇଁ ଡିଏମଏଫ୍ ଅର୍ଥ ୫୧ ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଏକ ନୂତନ ପାଠାଗାରକୁ ବୁଧବାର ଲୋକାର୍ପଣ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀ, ଯୋଡା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢଯୋଶୀ, ବଡବିଲ ତହସିଲଦାର ତଥା ଯୋଡା ବିଡିଓ କ୍ଷୀରୋଦ କୁମାର ବେହେରାଙ୍କ ସମେତ ଯୋଡା ବିକାଶ ପରିଷଦ ପକ୍ଷରୁ ନିରଞ୍ଜନ ବହିଦାର ଓ ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ଏହାକୁ ଲୋକାର୍ପଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏଠାରେ ପଢିବା ପାଇଁ ପାଠକଙ୍କ ନିମନ୍ତେ ୧୫୦୦ ବିଭିନ୍ନ ବିଷୟରେ ପୁସ୍ତକ ରହିଛି। ଏହି ପାଠାଗାରର ସମ୍ପୂର୍ଣ୍ଣ ପରିଚାଳନା ପୌରପାଳିକାର ଦାୟିତ୍ୱରେ ଥିବା ଯୋଡା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପାଢଯୋଶୀ କହିଛନ୍ତି।


ପାଠାଗାର ଲୋକାର୍ପଣ କରାଯାଉଛି।

# ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଜିଲା ପାଇଁ ପ୍ରୟାସ

**ଜିଲା ଟିବି ଫୋରମ ଗଠିତ**

କେନ୍ଦୁଝର, ୧୮।୯ (ଡି.ଏନ୍.ଏ./ସ୍ୱ.ପ୍ର.)


ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟ କର୍ମକର୍ତ୍ତା।

କେନ୍ଦୁଝର ଜିଲା ଟିବି ସେଣ୍ଟର ଆନୁକୂଲ୍ୟରେ ସଂଶୋଧିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଜିଲା ଟିବି ଫୋରମ ଗଠନ ହେବା ସହ ଏହାର ପ୍ରଥମ ବୈଠକ ଜିଲାପାଳଙ୍କ ମିନି କନଫରେନ୍ସ ହଲଠାରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଡି ଡିଆରଡିଏ ଡ. ଉଦ୍ଧବ ଚନ୍ଦ୍ର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଶୋକ କୁମାର ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଟିବି) ଡା. ଜଗଦୀଶ ପ୍ରସାଦ ସାହୁ, ଏନଆର୍‌ଏଚ୍‌ଏମ୍ ଡିପିଏମ୍ ଦିଲୀପ କୁମାର ଦୁବେ, ପିଏଚ୍ କନସଲଟାଣ୍ଟ ଡାକ୍ତର ହିମାଂଶୁ କୁମାର ସାହୁ, ଡିପିସି ଆର୍‌ଏନ୍‌ଟିସିପି ତାପସ ରଞ୍ଜନ ଜେନାଙ୍କ ସମେତ ନୂତନ ଭାବେ ଗଠିତ ହୋଇଥିବା ଫୋରମର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିବା ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ଗଠନ ପାଇଁ ଲକ୍ଷ୍ୟ ରହିଥିବା ଜିଲାପାଳ ପ୍ରକାଶ କରିଥିଲେ। ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କୁ ନ୍ୟାୟ ଏବଂ ସେମାନଙ୍କ ଅଧିକାର ଦେବା ପାଇଁ ସମାଜର ସବୁସ୍ତରର ଲୋକ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଯକ୍ଷ୍ମା ରୋଗୀଙ୍କୁ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ କିପରି ମିଳିପାରିବ ସେ ଦିଗରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ। ଅନେକ ଯକ୍ଷ୍ମା ରୋଗୀଙ୍କ ବ୍ୟାଙ୍କ ଆକାଉଣ୍ଟ ନ ଥିବାରୁ ପୁଷ୍ଟିକର ଖାଦ୍ୟ ସହାୟତା ପାଇଁ ମାସିକ ୫ଶହ ଟଙ୍କା ଯାଇପାରୁ ନ ଥିବା ଜାଣିବା ପରେ ଖୁବ୍‌ଶୀଘ୍ର ସେମାନଙ୍କ ଆକାଉଣ୍ଟ ଖୋଲିବା ନେଇ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ଜଗଦୀଶ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଡିପିସି ଆର୍‌ଏନ୍‌ଟିସିପି ତାପସ ରଞ୍ଜନ ଜେନା ବର୍ତ୍ତମାନ ଜିଲାରେ ଏସିଏଫ କ୍ୟାମ୍ପ ଜରିଆରେ ରୋଗୀଙ୍କୁ ଚିହ୍ନଟ କରାଯିବା ପାଇଁ ସେପ୍ଟେମ୍ବର ୨୨ ତାରିଖରୁ ୨୭ ତାରିଖ ମଧ୍ୟରେ ଏକ ଅଭିଯାନ ଆରମ୍ଭ ହେବାକୁ ଯାଉଛି ବୋଲି ପ୍ରକାଶ କରିଥିଲେ। ସିଟିଡିର ଗାଇଡଲାଇନ ଅନୁଯାୟୀ ବର୍ତ୍ତମାନ ୧ଲକ୍ଷ ଜନସଂଖ୍ୟାରେ ୨୧୦ଜଣ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ଯୋଜନା ରହିଛି। କିନ୍ତୁ ବର୍ତ୍ତମାନ ଜିଲାରେ ୧ ଲକ୍ଷ ଜନସଂଖ୍ୟାରେ ୧୬୦ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ କରାଯାଇ ପାରିଛି। ଅଧିକ ମାତ୍ରରେ ପ୍ରଚାର ପ୍ରସାର ମାଧ୍ୟମରେ ଅଧିକ ରୋଗୀ ଚିହ୍ନଟ ହୋଇପାରିବ ବୋଲି ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆଇଏମ୍‌ଏ କେନ୍ଦୁଝର ଶାଖାର ସଭାପତି ଡାକ୍ତର ଉପେନ୍ଦ୍ର ନାଥ ବାରିକ, ମେଡିକାଲ ଅଫିସର ଡିଟିସି ଡାକ୍ତର ଭାରତୀରାଣୀ ବେହେରା, ସଦସ୍ୟ ଓସ୍କାର ପ୍ରୋଗ୍ରାମ ଡାଇରେକ୍ଟର ମାନସିଂ ଡି.ପି.ନାୟକ, ଜିଲା ପରିଷଦ ସଦସ୍ୟା ମିନତି ମୁଣ୍ଡା, ସ୍ୱେଚ୍ଛାସେବୀ ସଂଗଠନ ଆରଭିଡିଓର ସମ୍ପାଦକ ମନୋଜ କୁମାର ପରିଡା, ଆଇନଜୀବୀ ତୁଷାରକାନ୍ତ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ।